ଧରିତ୍ରୀ
DHARITRI
February 24- March 2, 2019 ₹2/-

# ଛୁଟିଦିନ



୪
ପ୍ରଚ୍ଛଦ ପ୍ରସଙ୍ଗ

## ଓଡ଼ିଶାର
# କଣ୍ଢେଇ କଳା



ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ପାରମ୍ପରିକ କଣ୍ଢେଇ ଦେଖିବାକୁ ମିଳିଥାଏ, ଯାହା କେବଳ ଦେଖିବାକୁ ସୁନ୍ଦର ହୋଇ ନ ଥାଏ ବରଂ ଲୋକଙ୍କ ରୋଜଗାରର ମାଧ୍ୟମ ବି ହୋଇଥାଏ...



୮/୯
ସିନେମା



୧୩
ସହରଠୁ ଦୂର

# ରୁହନ୍ତୁ ଗସିପ୍‌ଠୁ ଦୂରେଇ



✲ ଅଫିସ୍ ସହକର୍ମୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କୌଣସି ଗସିପ୍ କରନ୍ତୁ ନାହିଁ।

✲ ସହକର୍ମୀଙ୍କ ଅନୁପସ୍ଥିତିରେ ତାଙ୍କ ବିରୁଦ୍ଧରେ କୌଣସି ଟିକାଟିପଣି କରନ୍ତୁ ନାହିଁ ବା ତଦ୍ ଜନିତ ଗସିପ୍‌ରେ ନିଜକୁ ସାମିଲ କରନ୍ତୁ ନାହିଁ।

✲ ଅଫିସ୍‌ର ଲଞ୍ଚ ଟାଇମ୍‌ରେ ଅଯଥା ଗସିପ୍‌ରେ ସମୟ ନଷ୍ଟ ନକରି ଯଥାଶିଘ୍ର ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତୁ।

✲ ସୋଶିଆଲ ମିଡିଆ ଆପ୍ସକୁ ଗସିପ୍ ପାଇଁ ବ୍ୟବହାର ନକରି ମୂଲ୍ୟବାନ ବାର୍ତ୍ତା ବା ସୂଚନା ଆଦାନପ୍ରଦାନ ଲାଗି ବ୍ୟବହାର କରନ୍ତୁ।

✲ ନିଜ ବିଷୟରେ ହେଉଥିବା ଗସିପ୍ ପ୍ରତି ଧ୍ୟାନ ନ ଦେଇ ନିଜ କାମ ଉପରେ ଦୃଷ୍ଟି ଦେବା ଶ୍ରେୟସ୍କର।

✲ ଅଯଥା ଗସିପ୍ କରିବା ଅପେକ୍ଷା ନିଜକୁ ସର୍ବଦା ଗଠନମୂଳକ କାର୍ଯ୍ୟରେ ନିୟୋଜିତ ରଖନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୨୪-ମାର୍ଚ୍ଚ ୨

**ମେଷ**
କାର୍ଯ୍ୟସିଦ୍ଧିରୁ ପ୍ରଫୁଲ୍ଲତା, ବନ୍ଧୁମାନଙ୍କ ପ୍ରଶଂସା, ପ୍ରତିକୂଳ ପରିସ୍ଥିତିର ଚାପ କମିଯିବ। ଶୁଭଖବର ପାଇବେ, ପାରିବାରିକ ସମସ୍ୟାର ସମାଧାନ, ସଭାସମିତିକୁ ନିମନ୍ତ୍ରଣ।

**ବୃଷ**
ବନ୍ଧୁଙ୍କ ପ୍ରେରଣା ପାଇବେ, ଆତ୍ମୀୟଙ୍କ ସହଯୋଗ ମିଳିବ, ସ୍ଥଗିତ କାମର ଅଗ୍ରଗତି, ଶୁଭ ଖବର ଶୁଣିବେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି, ପିଲାମାନଙ୍କ ପଢ଼ା ସମସ୍ୟାରୁ ଚିନ୍ତା, ସ୍ୱାସ୍ଥ୍ୟ ଠିକ୍ ରହିବ। ପରିବହନରେ ଝଗଡ଼ା।

**ମିଥୁନ**
କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନି, ସନ୍ତାନହେତୁକ ଗୌରବ, ନୂତନ ମିତ୍ରତା ସୃଷ୍ଟି, ଯାନ୍ତ୍ରିକ ଦ୍ରବ୍ୟ କ୍ରୟ, ବିବାଦର ଫଇସଲା, ସଙ୍ଗୀତରେ ରୁଚି, ବେପାର ବଢ଼ିବ, ସାମାଜିକ ସମ୍ମାନ ମିଳିବ।

**କର୍କଟ**
ନୂଆ ଯୋଜନା କରିବେ, ଅଭାବ ରହିବ ନାହିଁ, ତରବରିଆ ପଦକ୍ଷେପ ନିଅନ୍ତୁନି, ଯୋଗାଣ କାରବାରରେ ଉନ୍ନତି, ବନ୍ଧୁଙ୍କୁ ସାହାଯ୍ୟ ମାଗିବେ, କାମଗୁଡ଼ିକ ସମ୍ପନ୍ନହେବା କଷ୍ଟକର ହୋଇପାରେ ।

**ସିଂହ**
ବନ୍ଧୁମିଳନରୁ ଆନନ୍ଦ, ସନ୍ତାନବର୍ଗରେ ଉନ୍ନତି, ସ୍ନାୟବିକ ଦୁର୍ବଳତା, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା। ମନୋରଞ୍ଜନର ମଉକା ମିଳିବ, କାମ ସ୍ଥଗିତ ରହିଯିବ, ପାରିବାରିକ ମନୋମାଳିନ୍ୟ।

**କନ୍ୟା**
ଆରୋଗ୍ୟଲାଭ, କରଜ କରିବାକୁ ପଡ଼ିବ, ବାଣିଜ୍ୟର ଅଭିବୃଦ୍ଧି, ଯାତ୍ରା ସମସ୍ୟାବହୁଳ ହୋଇପାରେ, ସମ୍ମାନନୀୟ ବ୍ୟକ୍ତିଙ୍କ ସାହାଯ୍ୟ, ସ୍ୱଜନଙ୍କ ଅପପ୍ରଚାର, ସରକାରୀ ସହାୟତା ପାଇବେ, ମାନସିକ ଦ୍ୱନ୍ଦ୍ୱର ଅବସାନ। ସଭାସମିତିକୁ ନିମନ୍ତ୍ରଣ।

**ତୁଳା**
କାର୍ଯ୍ୟବ୍ୟସ୍ତତା, ଅବସର ମିଳିବନି, ପାରିବାରିକ କଳହ, ସାହାଯ୍ୟ ପ୍ରତିଶ୍ରୁତି ପାଇବେ, ଉଚ୍ଚଶିକ୍ଷାର ସୁଯୋଗ, ଚାକିରି ଅଫର ପାଇପାରନ୍ତି, ମାଲିମକଦ୍ଦମାରେ ସଫଳତା, ସୌନ୍ଦର୍ଯ୍ୟବୋଧ ବଢ଼ିବ, କ୍ରୀଡ଼ା, କଳାରୁ ସମ୍ମାନ, ଧର୍ମକାର୍ଯ୍ୟ ପାଇଁ ପ୍ରସ୍ତୁତି।

**ବିଛା**
ମାନସିକ ଅସ୍ଥିରତା, ଧନହାନି ଘଟିପାରେ, ଯାନ୍ତ୍ରିକ ସମସ୍ୟାରୁ ଯାତ୍ରା ଠପ୍, ବିବାଦୀୟ ପରିସ୍ଥିତିର ମୁକାବିଲା, ବ୍ୟବସାୟ ପ୍ରସାରିତ ହେବ, ନୂଆ ବନ୍ଧୁ ଜୁଟିବେ, ଆଲୋଚନା ଫଳପ୍ରଦ ହେବ, ମୂଲ୍ୟବାନ୍ ଦ୍ରବ୍ୟଲାଭ, ଆକସ୍ମିକ ଯାତ୍ରା।

**ଧନୁ**
କର୍ମାରମ୍ଭରେ ସଙ୍କଟ, ସ୍ୱାସ୍ଥ୍ୟରେ ଉନ୍ନତି, ରଚନାତ୍ମକ କାମରୁ ପ୍ରଶଂସା, ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। ପ୍ରକାଶନରେ ଦ୍ୱନ୍ଦ୍ୱ, ଅଶୌଚ ଖବର ପାଇପାରନ୍ତି, ତୀର୍ଥାଟନର କଳ୍ପନା।

**ମକର**
ବୁଝାମଣାରେ ଅଗ୍ରଗତି, ସମସ୍ୟା ସମାଧାନ, ପଡ଼ୋଶୀଙ୍କ ଈର୍ଷା, ବାଣିଜ୍ୟରେ ପ୍ରତିବନ୍ଧକ। ଭଲକାମ କଲେ ମଧ୍ୟ ସମାଲୋଚନା, ସହକର୍ମୀଙ୍କ ଅଭିଯୋଗ, ରୋଜଗାର ବଢ଼ିବ, ପଦସ୍ଥ ବ୍ୟକ୍ତିଙ୍କ ପ୍ରଶଂସା, ପାରିବାରିକ ଶାନ୍ତି।

**କୁମ୍ଭ**
ନୂତନ ଯୋଜନା କରିବେ, କର୍ମଜାଞ୍ଜାଳ ବୃଦ୍ଧି, ଆନୁଷ୍ଠାନିକ କାମରେ ସହଯୋଗ, ପଦମର୍ଯ୍ୟାଦା ବୃଦ୍ଧି, ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା, ସ୍ନାୟବିକ ଦୁର୍ବଳତା, ସାକ୍ଷାତ୍କାରରୁ ସଫଳତା, ଧାତୁ ଅଳଙ୍କାର କ୍ରୟ, ହିତୈଷୀଙ୍କ ପରାମର୍ଶ , ନିର୍ମାଣକାର୍ଯ୍ୟ ଶେଷ।

**ମୀନ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ, ସଭାସମିତିରେ ପ୍ରଶଂସା, ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ। ଇଚ୍ଛା ବିରୋଧରେ କାମ, ମନୋରଞ୍ଜନର ମଉକା ଜୁଟିବ, ପର୍ଯ୍ୟଟନର ସୁଯୋଗ, ପରିସ୍ଥିତି ବଦଳିଯିବ, ଶତ୍ରୁତାର ଅବସାନ, ନୂତନ ସମ୍ପର୍କ ସୃଷ୍ଟି ।

# ଅର୍କିଡ୍ ମଞ୍ଜିରେ କାରିଗରି

ସୃଜନାତ୍ମକ କଳା ସକାଶେ ପ୍ରକୃତି ସବୁବେଳେ କଳାକାରଙ୍କୁ ଉତ୍ସାହିତ କରିଥାଏ। ସେହିଭଳି ପ୍ରକୃତି ଦ୍ୱାରା ଅନୁପ୍ରାଣିତ ହୋଇ ମୈଶୁର୍‌ର ଏଲ. ଯୋଗାନନ୍ଦ ନାମକ ଜଣେ ଯୁବକ ଗଛର ମଞ୍ଜି ଉପରେ ପ୍ରସ୍ତୁତ କରିଛନ୍ତି ସୁନ୍ଦର କଳାକୃତି। ଅର୍କିଡ୍ ଗଛର ମଞ୍ଜି ଉପରେ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଆଠ ଜଣ ବ୍ୟକ୍ତିଙ୍କର ଏକ ସିରିଜ ଅଏଲ ପେଣ୍ଟିଙ୍ଗ ପ୍ରସ୍ତୁତ କରି ସେ ବେଶ୍ ପ୍ରଶଂସା ସାଉଟିଛନ୍ତି। ବିଭିନ୍ନ ସ୍ଥାନ ଭ୍ରମଣ କରିବାର ସଉକ ରଖୁଥିବା ଯୋଗାନନ୍ଦ ଭାରତର ଦକ୍ଷିଣ ପ୍ରାନ୍ତରେ କୌଣସି ଏକ ଜଙ୍ଗଲରୁ ଏହି ଅର୍କିଡ୍ ମଞ୍ଜି ସଂଗ୍ରହ କରିଥିଲେ। ଏହାପରେ ସେ ଚିନ୍ତା କଲେ ଏହି ସମତଳ ମଞ୍ଜି ଉପରେ କିଛି ଭିନ୍ନ ପେଣ୍ଟିଙ୍ଗ କରିବାଲାଗି। ଫଳସ୍ୱରୂପ ଆଠ ଜଣ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ପ୍ରତିକୃତିକୁ ସେ ଖୁବ୍ ନିଖୁଣ ଭାବେ ତାଙ୍କର ଏହି ପେଣ୍ଟିଙ୍ଗମାଧ୍ୟମରେ ଫୁଟାଇପାରିଲେ। ଯୋଗାନନ୍ଦଙ୍କୁ ଏହି ସିରିଜ ଅଏଲ ପେଣ୍ଟିଙ୍ଗ ସଂପୂର୍ଣ୍ଣ କରିବା ଲାଗି ପ୍ରାୟ ଏକମାସ ସମୟ ଲାଗିଥିଲା।



# ପାଠକୀୟ

❖ପ୍ରେମ ଶାଶ୍ୱତ ଓ ପବିତ୍ର। ପ୍ରେମରେ ନ ଥାଏ ଜାତି, ଧର୍ମ, ବର୍ଣ୍ଣର ଭେଦଭାବ। ସେ କରେନି ରଙ୍ଗ,ରୂପର ବିଚାର। ପ୍ରେମ କରିବାକୁ ଚେଷ୍ଟା କରାଯାଏନି, ହଉ ହଉ ହେଇଯାଏ। ହେଲେ ତାକୁ ଦୁନିଆ ଆଖିରେ ସ୍ୱୀକୃତି ଦେବାକୁ ଯାଇ ଅନେକଙ୍କୁ ସହିବାକୁ ହୋଇଥାଏ ଲାଞ୍ଛନା। ସେମିତି କେତେଜଣ ସୁଖୀ ଦମ୍ପତିଙ୍କ ସଂଘର୍ଷପୂର୍ଣ୍ଣ ପ୍ରେମ କାହାଣୀକୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରେମ' ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। 'ଚୋରି ରୋକିବା ପାଇଁ' ଏବଂ 'ଜଳପରୀ ହୋଇ ଦିଅନ୍ତି ସଚେତନତାର ବାର୍ତ୍ତା' ଆଦି ପାଠରୁ ଅନେକ ଭଲ କଥା ଶିଖିବାକୁ ମିଳିଲା।

***–ଭବାନୀ ଶଙ୍କର ଦାଶ, ଭୀମଟାଙ୍ଗୀ, ଭୁବନେଶ୍ୱର***

❖ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରେମ'ର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଔପନ୍ୟାସିକ ତଥା ସାମ୍ବାଦିକ 'ଏରିକ୍ ଆର୍ଥର ବ୍ଲେୟାର'ଙ୍କ ଜୀବନୀ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଅଗ୍ନି ସ୍ନାନ' ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ଶ୍ରୁତି ହାସନଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା।

***–ବନବିହାରୀ ବିଶ୍ୱାଳ, ସୁନ୍ଦରଗଡ଼***

❖ପ୍ରଥମ ରୋଜଗାର ସ୍ତମ୍ଭରୁ ଆୟୁର୍ବେଦିକ ଡାକ୍ତର ତଥା ଅଭିନେତା ଡା.ଅନନ୍ତ ଆଚାର୍ଯ୍ୟଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋତେ ଖୁବ୍ ଭଲ ଲାଗିଥିଲା। ସାଥୀର ଉତ୍ତରଗୁଡ଼ିକ ବି ମନଲାଖି ହୋଇପାରିଥିଲା। ଭାଲେଣ୍ଟାଇନ୍ସ ଡେ' ଅବସରରେ ଗ୍ଲାମର୍ସ ରେଡ୍ ପିନ୍ଧିବା ପାଇଁ ଦିଆଯାଇଥିବା ଟିପ୍ସ ମୋର ବହୁତ କାମରେ ଆସିଥିଲା, ସେଥିପାଇଁ ଧନ୍ୟବାଦ। ମଡେଲ ମିରର୍‌ରେ ସନ୍ଧ୍ୟା–ପ୍ରତୀକଙ୍କ ଯୋଡ଼ି ଫଟୋଟି ବେଶ୍ ସୁନ୍ଦର ଲାଗିଥିଲା।

***–ତାପସ ବରାଳ, ବାଦାମବାଡ଼ି, କଟକ***

❖ସହର ପୃଷ୍ଠାରୁ 'ବାସର ସରସ୍ୱତୀ ମନ୍ଦିର' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ପାଇଲି। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ବିଲେଇଙ୍କ ପାଇଁ ଟ୍ରେଡ୍ ମିଲ୍' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ '୨୭ଟି କଇଁଚିରେ କାଟନ୍ତି କେଶ' ଏବଂ 'ସମାଧି ସହ ବିବାହ' ଆଦି ପାଠ ବେଶ୍ ଅଶ୍ଚର୍ଯ୍ୟକର ଥିଲା।

***–ଘନଶ୍ୟାମ ଭୋଇ, ସାକ୍ଷୀଗୋପାଳ, ପୁରୀ***

❖ମଞ୍ଚମାୟା ବା ଯାତ୍ରା ପୃଷ୍ଠାରେ ସ୍ଥାନିତ 'ଏବେ ବି ଲାଗେ ସସ୍ମିତା ମୋ ପାଖରେ ଅଛନ୍ତି' ପାଠଟିର ଉପସ୍ଥାପନା ଶୈଳୀ ଖୁବ୍ ହୃଦୟସ୍ପର୍ଶୀ ଥିଲା। ହାଃ ହାଃ ଓ କାର୍ଟୁନ କର୍ନର ଖୁବ୍ ମଜାଳିଆ ଲାଗୁଛି। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ହୋଇପାରୁଛି।

***–କମଳାକାନ୍ତ ଶତପଥୀ, ଦାରିଙ୍ଗବାଡ଼ି***



## ବିଶେଷ ଚିଠି

ନୂଆ ରୂପ, ନୂଆ ରଙ୍ଗରେ
ସଜେଇହୋଇ ଆସେ ଛୁଟିଦିନ,
ଅନେକ ନୂଆ ତାଜା ଖବରରେ
ଭରପୂର ଏହାର ଲେଖାମାନ।
ବ୍ୟକ୍ତିତ୍ୱରୁ ଜାଣିହୁଏ ବ୍ୟକ୍ତିଙ୍କ କଥା
ନୂଆ ସାହିତ୍ୟିକଙ୍କ ପ୍ରିୟ ସୃଜନ ପୃଷ୍ଠା,
ସବୁ ସମସ୍ୟାର ଉତ୍ତର ଥାଏ ସାଥୀ ପାଖରେ
ଲେଖା ଲେଖିରେ ଦୂରକରେ ସେ ସଭିଙ୍କ ବ୍ୟଥା।
ସବୁଠୁ ନିଆରା ଲାଗେ ବ୍ୟାକ୍‌ପେଜ୍ ଖବର
ଏହା ଛୁଟିଦିନକୁ କରିଛି ସରସ ସୁନ୍ଦର।

***–ବୁଟୁ ବିନୋଦ ବେହେରା, ମେଡିକାଲ ରୋଡ୍, ନୟାବଜାର, କଟକ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com




# କପଲ୍ ଟାଟୁ

**ଫ୍ୟା**ଶନ ଦୁନିଆରେ ଟାଟୁର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସମୟ ବଦଳିବା ସହ ଏହାକୁ ନେଇ ଅନେକ ଏକ୍ସପେରିମେଣ୍ଟ ବି କରାଯାଇଛି । କିନ୍ତୁ ଏବେ କପଲ୍ ଟାଟୁ ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି । ଏହି ଟାଟୁ ସେହି କପଲ୍‌ଙ୍କ ପାଇଁ ପ୍ରଯୁଜ୍ୟ, ଯେଉଁମାନେ ପ୍ରେମର ଡୋରିରେ ବାନ୍ଧି ହୋଇ ସାରା ଜୀବନ ପରସ୍ପରକୁ ଏମିତି ଭଲ ପାଇବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି ଏବଂ ନିଜ ପ୍ରେମକୁ ଫ୍ୟାଶନ ଟ୍ରେଣ୍ଡ ସହ ସାମିଲ କରିବାକୁ ଇଚ୍ଛୁକ ଅଛନ୍ତି । ତେଣୁ ସେମାନଙ୍କ ପାଇଁ କପଲ୍ ଟାଟୁ ଏକ ଲାଟେଷ୍ଟ ଫ୍ୟାଶନ କହିଲେ ଚଳେ । ଏଥିପାଇଁ ସେମାନଙ୍କୁ ପରସ୍ପରର ଶରୀରରେ ଏମିତି କିଛି ଟାଟୁ ଖୋଦାଇବାକୁ ହୋଇଥାଏ, ଯେମିତି କି ସେମାନଙ୍କ ଟାଟୁ ମଧ୍ୟରେ କିଛି କନେକ୍ସନ୍ ଥିବ । ଆଉ ଯେବେ ଉଭୟଙ୍କ ଟାଟୁକୁ ଏକାଠି କରି ଦେଖାଯିବ, ସେଥିରୁ କିଛି ପ୍ରେମର ପରିଭାଷା ପ୍ରକାଶ ପାଉଥିବ । ସେମିତି କିଛି ଟ୍ରେଣ୍ଡି କପଲ୍ ଟାଟୁ ସମ୍ପର୍କରେ...

***କିଙ୍ଗ୍-କୁଇନ୍:** ଯେତେବେଳେ ପ୍ରେମୀଯୁଗଳ ଅବା ଦମ୍ପତି ପରସ୍ପରକୁ ହୃଦୟରେ ରାଜା ଓ ରାଣୀର ସ୍ଥାନ ଦେଇ ସାରିଲେଣି, ସେଠି କିଙ୍ଗ୍-କୁଇନ୍‌ର କ୍ରାଉନ୍‌ବାଲା ଟାଟୁ ଅବା ହାର୍ଟ ଶେପ୍ କରି ସେଥିରେ କିଙ୍ଗ୍ ପାଇଁ ଇଂଲିଶ ଅକ୍ଷର 'କେ' ଓ କୁଇନ୍ ପାଇଁ 'କ୍ୟୁ' ଅକ୍ଷରର ଟାଟୁ କରିବା କ'ଣ ଅସମ୍ଭବ ହୋଇପାରେ ।

***ଲକ୍ ଆଣ୍ଡ କି:** ଯେତେବେଳେ ପ୍ରେମୀଯୁଗଳ ନିଜ ନିଜର ହୃଦୟର ଚାବିକୁ ପରସ୍ପର ମଧ୍ୟରେ ଅଦଳବଦଳ କରିସାରିଲେଣି, ସେମାନଙ୍କ ପାଇଁ ୟା'ଠୁ ବଳି ଆଉ ଭଲ ଟାଟୁ ଆଇଡିଆ କ'ଣ ହୋଇପାରେ ।

***ଆଇ ଲଭ୍ ୟୁ ମୋର୍ :** ଏହା ଏମିତି ଏକ ସମସ୍ୟା, ଯେଉଁ କଥାକୁ ନେଇ ପ୍ରେମୀଯୁଗଳ କ'ଣ ଦମ୍ପତିମାନଙ୍କ ମଧ୍ୟରେ ବି ଅନେକ ସମୟରେ ମିଠାମିଠା ଝଗଡ଼ା ହୋଇଥାଏ । କାହାର ଭଲ ପାଇବା କେତେ ତାହାକୁ ପ୍ରକାଶ କରିବା ପାଇଁ କପଲ୍‌ମାନେ ଚାହିଁଲେ ଏହି ଟାଟୁ ବି କରିପାରିବେ ।

***ମିକି-ମିନି ଟେଡି ଲଭ:** ଟେଡି ତ ପ୍ରାୟ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେଣୁ କପଲ୍‌ମାନେ ଚାହିଁଲେ ଏହାକୁ ଲଭ୍‌ର ସିମ୍ବଲ ଭାବେ ବ୍ୟବହାର କରି ଶରୀରରେ ମିକି-ମିନି ଟେଡିର ଟାଟୁ କରିପାରିବେ ।

***ଟାଟୁ ରିଙ୍ଗ୍:** ପରସ୍ପର ପ୍ରତି ଭଲ ପାଇବାକୁ ପ୍ରକାଶ କରିବା ପାଇଁ କପଲ୍‌ମାନେ ଚାହିଁଲେ ସେମାନଙ୍କର ରିଙ୍ଗ୍ ଫିଙ୍ଗର୍‌ରେ କୌଣସି ଏକ ଥିମ୍‌କୁ ନେଇ ଟାଟୁ ରିଙ୍ଗ୍ କରିପାରିବେ ।

କେବଳ ଏତିକି ନୁହେଁ କପଲ୍ ଟାଟୁ ମଧ୍ୟରେ ପିଜା ସ୍ଲାଇସ୍, ମିଷ୍ଟର ଆଣ୍ଡ ମିସେସ୍ ଟାଟୁ, ଆଙ୍କର୍, ରୋଜ୍ ଫ୍ଲାୱାର୍ ଟାଟୁ, ମିଲ୍କ-ହନି ଟାଟୁ ଇତ୍ୟାଦିକୁ ବି ସାମିଲ କରାଯାଇ ପାରିବ ।

ପ୍ରେମର ପରିଭାଷାକୁ ପ୍ରକାଶ କରିବା ପାଇଁ କପଲ୍ ଟାଟୁ ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି। ଏଥିରେ କପଲ୍ ଅବା ପ୍ରେମୀଯୁଗଳଙ୍କ ଶରୀରରେ ଏମିତି କିଛି ଟାଟୁ କରାଯାଇଥାଏ, ଯଦ୍ୱାରା ସେମାନଙ୍କ ଟାଟୁକୁ ଏକାଠି କରି ଦେଖିଲେ ସେଥିରୁ ପ୍ରେମର ଏକ ସଂକେତ ମିଳେ...












# ଓଡ଼ିଶାର କଣ୍ଢେଇ କଳା

ଓଡ଼ିଶାର କଳା କାରିଗରି ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଆ ଶିଳ୍ପୀଙ୍କ ବିଭିନ୍ନ ପାରମ୍ପରିକ ହସ୍ତକଳାରେ ଓଡ଼ିଶା ବେଶ୍ ସମୃଦ୍ଧ। ଏପରି କଳା କାରିଗରିରେ ଓଡ଼ିଆଙ୍କ ସାମାଜିକ ଚଳଣି ପ୍ରତିଫଳିତ ହୋଇଥାଏ, ଯାହା ରାଜ୍ୟର ପାରମ୍ପରିକ କଳା, ସଂସ୍କୃତି ଓ ଐତିହ୍ୟକୁ ଗୌରବାନ୍ୱିତ କରିଥାଏ। ତେବେ ଏପରି ହସ୍ତଶିଳ୍ପ କଳାକୃତିକୁ ବଞ୍ଚେଇଥିବା ଗାଁର ପରିଚୟ ନିଆରା । ସେମିତି କେତୋଟି ପାରମ୍ପରିକ ହସ୍ତକଳା କାରିଗରି ସମ୍ପର୍କରେ ...



**ଜଉକଣ୍ଢେଇ:** ସାମାଜିକ ରୀତିନୀତିର ଅନ୍ୟତମ ପ୍ରତୀକ ହେଉଛି ଜଉକଣ୍ଢେଇ। ଏହି କଣ୍ଢେଇ ବୈବିହିକ ଜୀବନକୁ ସୁଖମୟ କରୁଥିବା କେତେକଙ୍କ ବିଶ୍ୱାସ ରହିଛି। ତେବେ ଏହି କଣ୍ଢେଇ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କିଶୋରଚନ୍ଦ୍ରପୁର ଗ୍ରାମପଞ୍ଚାୟତର ଗବପାଳ, ନିକଟସ୍ଥ ବଘେଇପଲା,ବାରଖେଦା, ଆରବନ୍ଧ ଆଦି ଗାଁର କାରିଗରମାନେ ତିଆରି କରିଥାନ୍ତି। ଜଉକଣ୍ଢେଇ ତିଆରି ପାଇଁ ସରଞ୍ଜାମ ଭାବେ ଲୁହାପ୍ଲେଟ, ସେଲିଆ, ହତା, ଚିମୁଟା, ଛୁରି, କଟର, କୋଇଲା, ପାଉଡ଼ର, ବିଭିନ୍ନ ଡିଜାଇନର କାଚପ୍ଲେଟ, ବାଉଲ, ଆଲୁମିନିୟମ , ଲୁହାରିଙ୍ଗ, ବ୍ରାସମେଟାଲ, ଲାଖ, ପ୍ଲାଷ୍ଟିକ, ପାଇପ ଇତ୍ୟାଦି ଆବଶ୍ୟକ ପଡ଼ିଥାଏ। ପ୍ରଥମେ ଏକ ଲୁହାକୁଣ୍ଡରେ କୋଇଲା ପକାଇ ନିଆଁ ଆଞ୍ଚ କରାଯାଇଥାଏ। ପୂର୍ବରୁ ପ୍ରସ୍ତୁତ କରି ରଖାଯାଇଥିବା ଜଉକୁ ବିଭିନ୍ନ ରଙ୍ଗବେରଙ୍ଗ କରି ଲୁହାକୁଣ୍ଡ ଭାଟିରେ ଗରମ କରାଯାଇଥାଏ। ପରେ ଆଲୁମିନିୟମ ଓ ଲୁହା ରିଙ୍ଗରେ ଲାଖ ଆବରଣ କରାଯାଇ ଜଉକଣ୍ଢେଇ ତିଆରି ପାଇଁ ମଡେଲ ଉପରେ ଜଉକୁ ଢାଳି ଆକର୍ଷଣୀୟ କରାଯାଇଥାଏ। ଶିଶିର ସରସ, ତୋଷାଳି ମେଳା, ଆଦିବାସୀ ମେଳା ଆଦିରେ କାରିଗରମାନେ ଏହି ଜଉକଣ୍ଢେଇ ପ୍ରାୟ୧୫ଟଙ୍କାରୁ ଆରମ୍ଭକରି ହଜାରଟଙ୍କା ମୂଲ୍ୟରେ ବିକ୍ରିକରିଥାନ୍ତି।

**କତାକଣ୍ଢେଇ:** ନଡ଼ିଆ କତାରେ ବିଭିନ୍ନ ପ୍ରକାରର ପାପୋଛ, ଗାଲିଚା ଏବଂ କଣ୍ଢେଇ ତିଆରି କରାଯାଉଛି। ପ୍ରଥମେ ନଡ଼ିଆ କତାକୁ କିଛିଦିନ ପାଣିରେ ଭିଜାଇ ଏକ କାଠ ପାହାରାଣିରେ ବାଡ଼େଇ ତାକୁ ପରିଷ୍କାର କରି ସେଥିରୁ ତନ୍ତୁ ବାହାର କରାଯାଇଥାଏ। ଏହି ତନ୍ତୁକୁ ପାରୁ କୁହାଯାଇଥାଏ। କତା ପାରୁ ଓ କତାଗୁଣ୍ଡକୁ ଅଲାଗାକରିବା ପରେ ଏହାକୁ ଖରାରେ ଶୁଖାଇ ହସ୍ତଶିଳ୍ପ ସାମଗ୍ରୀ ପାଇଁ ଭିଣି ସାଇଜକରି ସେଥିରେ ସୂତାଗୁଡାଇ ବିଭିନ୍ନ ରୂପ ତିଆରି କରାଯାଏ । କତାପାରୁକୁ ନାଲି, ନେଳି, ବାଇଗଣି, ହଳଦିଆ, ଗୋଲାପି ଓ ଆକାଶି ଆଦି ରାସାୟନିକ ରଙ୍ଗକୁ ଗରମ ପାଣିରେ ମିଶାଇ ନିର୍ଦ୍ଧାରିତ ଅନୁପାତ ଓ ସମୟ ପର୍ଯ୍ୟନ୍ତ ସିଝାଇ ଛାଇ ସ୍ଥାନରେ ଶୁଖାଇ ବ୍ୟବହାର ଉପଯୋଗୀ କରାଯାଇଥାଏ ଏବଂ କୌଣସି ଏକ ରୂପ ଶେଷହେବା ପରେ ଫେଭିକଲ୍ ଅଠା ପାଣିରେ ବୁଡାଯାଇ ଶୁଖାଯାଏ । ଆବଶ୍ୟକ ଅନୁଯାୟୀ କଳାକୃତିରେ ପରସ୍ତ ପରସ୍ତ କତା ଦିଆଯାଇ ମୋଟା କରାଯାଏ । ଶିଳ୍ପୀ ଏକ ନମୁନାକୁ କତାରେ ପ୍ରସ୍ତୁତ କରି ତା'ପରେ ପୂର୍ଣ୍ଣାଙ୍ଗ ରୂପ କରି ସୁନ୍ଦର ଦିଶିବା ପାଇଁ ରଙ୍ଗବେରଙ୍ଗ ସୂତାଦ୍ୱାରା ବିଭିନ୍ନ ଡିଜାଇନ୍‌ର କରିଥାଏ। କଇଁଛ, କୁମ୍ଭୀର, ମାଛ, ମୟୂର, ବାଘ, ସିଂହ, ଡ୍ରାଗନ, କୁକୁଡ଼ା, ହାତୀ, ଘୋଡା, ମାଙ୍କଡ, ନଡିଆ ଗଛ, କଦଳୀଗଛ, ବରଗଛ, ବ୍ୟାଗ, ମନିପର୍ସ, ପେନ୍‌ଷ୍ଟାଣ୍ଡ, ଘର, ବାୟାଚଢେଇ ବସା ତାଜମହଲ, ଦେବଦେବୀଙ୍କ ମୂର୍ତ୍ତିଭାବେ ଗଣେଶ, ଲକ୍ଷ୍ମୀ, ନାଗା, ଶ୍ରୀଜଗନ୍ନାଥ, କାଳୀ ଇତ୍ୟାଦି ନଡିଆକତାରେ ତିଆରି କରିଥାନ୍ତି। ବିଶେଷକରି ପୁରୀ ଜିଲାର ସାକ୍ଷୀଗୋପାଳ, ନିମାପଡ଼ା, ସାତଶଙ୍ଖ, ଗୋପ, କୋଣାର୍କ, ପୁରୀ ସଦର ବ୍ଲକର ଚନ୍ଦନପୁର, ଜଳକବର, ଜାନକୀଦେଇପୁର, ମାଳତୀ ପାଟପୁର, ବ୍ରହ୍ମଗିରି ବ୍ଲକର ଖଜୁରିଆ ସମେତ କେତେକ ଗାଁରେ ଏହି କତାକଣ୍ଢେଇ ତିଆରି ହେଉଥିବା ଦେଖିବାକୁ ମିଳେ। ନଡ଼ିଆ କତାରେ ବିଭିନ୍ନ କଳାକୃତି କରି ଏହି ଅଞ୍ଚଳର କାରିଗରମାନେ ନିଜର ଜୀବିକା ନିର୍ବାହ କରିଥାନ୍ତି।

**ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ପାରମ୍ପରିକ କଣ୍ଢେଇ ଦେଖିବାକୁ ମିଳିଥାଏ, ଯାହା କେବଳ ଦେଖିବାକୁ ସୁନ୍ଦର ହୋଇ ନ ଥାଏ ବରଂ ଲୋକଙ୍କ ରୋଜଗାରର ମାଧ୍ୟମ ବି ହୋଇଥାଏ...**



**ମାଟିକଣ୍ଢେଇ:** ମାଟିକଣ୍ଢେଇ ଗଢିବା ପୂର୍ବରୁ ଏକ କଳାକୃତି ଛାଞ୍ଚରେ କରତଗୁଣ୍ଡ, ଗୋବର ଓ ଚିକିଟାମାଟିକୁ ଭର୍ତ୍ତି କରାଯାଇଥାଏ। କିଛି କ୍ଷଣମଧ୍ୟରେ ଛାଞ୍ଚରୁ ମୂର୍ତ୍ତି ବାହାର କରାଯାଇ ତାକୁ ଖରାରେ ଶୁଖାଯାଇଥାଏ। କାରିଗରମାନେ ହରିଣ, ହାତୀ, ଶୁଆ, ହଂସ, ବଗ, ଗାଈ, ମାଙ୍କଡ଼, ଶାରୀ, ବରକଣ୍ଢେଇ ଆଦି ତିଆରି କରିଥାନ୍ତି। ପରେ ବିଭିନ୍ନ ରଙ୍ଗଦେଇ କଣ୍ଢେଇଗୁଡ଼ିକୁ ଆକର୍ଷଣୀୟ କରିଥାନ୍ତି। ମାଟିକଣ୍ଢେଇର ଆକାର ଉଚ୍ଚତା ଅନୁସାରେ କାରିଗର ମୂଲ୍ୟ ନିଧାରଣ କରିଥାନ୍ତି।

**ଗୋବରକଣ୍ଢେଇ:** ଗୋବରକଣ୍ଢେଇ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ହେଉଛି ଗୋବର, ମାଟି, କାଠଗୁଣ୍ଡ, କାଗଜ। ପ୍ରଥମେ ଛୋଟଛୋଟ ବାଉଁଶରେ ତିଆରି କଣ୍ଢେର ଏକ ଛାଞ୍ଚ ପ୍ରସ୍ତୁତ କରାଯାଏ। ଏହା ଉପରେ ଗୋବର ଲେପ ଦିଆଯାଏ। ଏହାକୁ ପ୍ରାୟ ୪ରୁ ୫ଦିନ ଶୁଖାଯାଏ। ସମ୍ପୂର୍ଣ୍ଣ ଖୁଖିଯିବା ପରେ ହାତ ଓ ଗୋଡ଼

→







କରାଯାଏ । ପରେ ସମ୍ପୂର୍ଣ୍ଣ ଆକୃତି ଯୋଡ଼ାଯିବାପାଇଁ ଅଠା ସାହାଯ୍ୟରେ କାଗଜ ଲଗାଇ ରଙ୍ଗ ଦିଆଯାଏ । ଏହି କଣ୍ଢେଇ ବିଭିନ୍ନ ଯାତ୍ରା ମହୋତ୍ସବରେ ପ୍ରାୟ ୧୦ ଟଙ୍କାରୁ ୧୦୦ଟଙ୍କା ମଧ୍ୟରେ ବିକ୍ରି ହେଉଥିବାର ଦେଖିବାକୁ ମିଳେ ।

**ଡୋକ୍ରାକଣ୍ଢେଇ:** ମୟୂରଭଞ୍ଜ ଜିଲାର ଡୋକ୍ରା କାରିଗରମାନେ ବିଭିନ୍ନ କଳାକୃତି ତିଆରିକରି ଜୀବିକା ନିର୍ବାହ କରିଥାନ୍ତି । ଡୋକ୍ରା ହସ୍ତଶିଳ୍ପ ପାଇଁ ଆବାଶ୍ୟକ ପଡୁଥିବା କଞ୍ଚାମାଲ ହେଲା– ଉଇହୁଙ୍କା ମାଟି, ଚିକିଟାମାଟି, ବିଲମାଟି, ନାଲିମାଟି, ପଙ୍କୁଆମାଟି, ସରୁବାଲି, ମହୁଫେଣା, ମହମ, କାଠଗଣ୍ଡି, ଅଙ୍ଗାର, ଶୋରିଷ ତେଲ, ଖପରା, ଝୋଟ, ଅଗାଡ଼ି, ଲୁଣ, ଝୁଣା, ପଉଳ, ଟାଙ୍ଗଣ, ଗିଲଟି, ଆଲୁମିନିୟମ ପାତ୍ର , ବିଭିନ୍ନ କଳାକୃତିର ଛାଞ୍ଚ, ତମ୍ବା, ପିତ୍ତଳ, କଂସା ଇତ୍ୟାଦି ଏବଂ ସେହିପରି ଏହି ହସ୍ତଶିଳ୍ପ ପାଇଁ ଆବଶ୍ୟକ ସରଞ୍ଜାମ ମଧ୍ୟରେ ହସ୍ତଚାଳିତ ଚମଡ଼ାର ଭାଟି, ବାଉଁଶ ଚିମୁଟା, ମହମଝାଙ୍କି, ମସୃଣ ବାଉଁଶକାଠି, ପିଢା, ତାର ବ୍ରଶ, ଶାବଳ, କୁରାଢି, ଲୁହାମୁନ, ମାଟିପାତ୍ର ଇତ୍ୟାଦି ଦରକାର ହୋଇଥାଏ । ପ୍ରଥମେ ଏହି କଳାକୃତି ପାଇଁ ଉଇମାଟି, ମହମ କିମ୍ବା ମହୁଫେଣାର ଅଠାକୁ ବ୍ୟବହୃତ କରି ବିଭିନ୍ନ ଆକୃତିର ଛାଞ୍ଚ ତିଆରି କରାଯାଏ । ମାଟିଗୁଣ୍ଡରେ ଅଗାଡ଼ି ମିଶାଇ ପାଣିରେ ଭିଜାଇ ଚକଟା ଯାଇଥାଏ । ଏକ ଟିଣ ଉପରେ ପିତ୍ତଳକୁ ରଖାଯାଇ ନିଆଁରେ ତରଳାଇ ନୀଳବର୍ଣ୍ଣ ବର୍ତ୍ତିକା ନିର୍ଗତହୁଏ । ପୂର୍ବରୁ ନିର୍ମିତ ମହମ ଓ ମାଟିର ପ୍ରଲେପ ଦିଆ କଳାକୃତିର ଛାଞ୍ଚ ଉପରେ କିଛି ସମୟ ରଖାଯାଏ । ପରେ ମହମ ତରଳି ବାଷ୍ପ ହୋଇଯିବା ପରେ ତରଳା ଯାଇଥିବା ପିତ୍ତଳ ମୂର୍ତ୍ତିର ରୂପନିଏ । ପିତ୍ତଳ ଥଣ୍ଡା ହୋଇଗଲା ପରେ ଛାଞ୍ଚରୁ କଳାକୃତି ତିଆରି ହୋଇଥାଏ । ଫୁଲଦାନି, କଇଁଛ, ବାଘ, ଚଢେଇ ଗଛ, ମନ୍ଦିର, ଘୋଡ଼ା, ମଣିଷ, ଛୋଟଛୋଟ ଘରକରଣା ତିଆରି ହୋଇଥାଏ । ଏହି ଶିଳ୍ପରେ କାରିଗରମାନେ ମାସକୁ ପ୍ରାୟ ୭ରୁ ୧୭ହଜାର ଟଙ୍କା ଯାଏ ରୋଜଗାର କରିଥାନ୍ତି । ପ୍ରାୟ ୩୦ ଟଙ୍କାରୁ ଆରମ୍ଭକରି ୧୫ରୁ ୨୦ହଜାର ଟଙ୍କା ମଧ୍ୟରେ ଗୋଟିଏ ଗୋଟିଏ ଡୋକ୍ରା କଳାକୃତି ବିକ୍ରି କରିଥିବାର ନଜର ରହିଛି ।

**ଶିଳ୍ପୀଗ୍ରାମ ରଘୁରାଜପୁର:** ଏକ ଗ୍ରାମୀଣ ହସ୍ତକଳା କାରିଗରଙ୍କ ସାଧନାର ପୀଠ ଭାବେ ପୁରୀ ଜିଲାର ରଘୁରାଜପୁର ସୁପରିଚିତ । ଏହି ଗାଁ ଦେଶବିଦେଶରେ ଏକ ନିଆରା ପରିଚୟ ସୃଷ୍ଟିକରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ରକର ସେବାୟତଙ୍କ ବଂଶଧରମାନେ ଶ୍ରୀକ୍ଷେତ୍ରର ବିଭିନ୍ନ ପର୍ବପର୍ବାଣିରେ ସେବାକାର୍ଯ୍ୟ କରିଆସୁଛନ୍ତି । ଏହି ଗାଁରେ ପଟଚିତ୍ର, କାଗଜମୁଖା, କାଠକଣ୍ଢେଇ, ଗୋବରକଣ୍ଢେଇ, ପାରମ୍ପରିକ କଳାକୃତିକୁ କାରିଗରମାନେ ତିଆରି କରିଥାନ୍ତି ଏବଂ ଗାଁରେ ଓଡ଼ିଶୀନୃତ୍ୟ, ଗୋଟିପୁଅ ନାଚ, ଗୋଷାଣିମେଢ ନୃତ୍ୟ,ସଂକୀର୍ତ୍ତନ, ରାମଲୀଳା ଆଦି ବିଭିନ୍ନ ପାରମ୍ପରିକ ନୃତ୍ୟଗୀତର କଳାକାରଙ୍କ ସୁନାମ ରହିଛି । ଭଗବାନ ସ୍ୱାଇଁ କୁହନ୍ତି, ଆଜିକାଲି ଗୋବରକଣ୍ଢେଇର ଚାହିଦା କମୁଛି କାଗଜମୁଖା ତିଆରିରେ ମନବଳାଉଛନ୍ତି । । ଏହିଗାଁର କଳାକୃତି ପରିବେଶ ଦେଖିବାକୁ ଦେଶବିଦେଶର ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି ।

**କାଠକଣ୍ଢେଇ :** ନୟାଗଡ଼ ଜିଲାର ଖଣ୍ଡପଡ଼ା ଏନଏସସି ଅନ୍ତର୍ଗତ ଚିତ୍ରକର ସାହିରେ ପାରମ୍ପରିକ କାଠମୁଖା, କାଠକଣ୍ଢେଇ କାରିଗରଙ୍କ କଳାକୃତି ଦେଖିବାକୁ ମିଳେ । ଏହି ଗାଁରେ ହାତଗଣତି କିଛି କାରିଗର ବିଭିନ୍ନ କାଠକଣ୍ଢେଇ ଓ କାଠମୁଖା ତିଆରି କରି ଜୀବିକା ନିର୍ବାହ କରିଥାନ୍ତି । ଗଣିଆ ବ୍ଲକର ଧୁଆମୂଳା ଗ୍ରାମର କାରିଗରମାନେ ବଭିନ୍ନ ପ୍ରକାର କାଠକଣ୍ଢେଇ ତିଆରି କରିଥାନ୍ତି । ଦଶପଲ୍ଲା ଅଞ୍ଚଳରେ କେତେକ କାରିଗର ଏମିତି କଳାକୃତି କରୁଥିବା ନଜିର ରହିଛି । କାଠକଣ୍ଢେଇ ତିଆରି ପାଇଁ ଆବଶ୍ୟକ ପଡୁଥିବା କାଠ ମଧ୍ୟରେ ପାଳଧୁଆ, ଫାଶି, ଗମ୍ଭାରି ଆଦି ହାଲକା କାଠକୁ ବ୍ୟବହାର କରାଯାଇଥାଏ । ପ୍ରଥମେ କାଠକୁ ସାଇଜ କରାଯାଇ ତା’ ଉପରେ ପରିକଳ୍ପନା କରାଯାଉଥିବା ଚିତ୍ରକୁ ଅଙ୍କନ କରାଯାଇ ନିହାଣରେ ଉକ୍ତ କାଠକୁ ଖୋଦେଇ କରାଯାଇଥାଏ । କଳାକୃତି ତିଆରି ହୋଇଯିବା ପରେ ତାହାକୁ ପଲିଶ କରାଯାଇଥାଏ । କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକଅନ୍ତର୍ଗତ କୁରୁଜଙ୍ଗ ଗ୍ରାମପଞ୍ଚାୟତର ମନ୍ତ୍ରୀପଡ଼ାଗାଁରେ କାଠିକଣ୍ଢେଇ ତିଆରି ହୋଇଥାଏ ଏବଂ କଣ୍ଢେଇ ନାଚ ପାଇଁ ବ୍ୟବହୃତ ନାଟକର ଚରିତ୍ର ପାଇଁ ବେଶଭୂଷା, ଆଖି, ନାକ, ବେକ, ଛାତି ଆଦି ଅଙ୍ଗଗୁଡ଼ିକୁ କରାଯାଇ ଅଠାରେ ଯୋଡ଼ାଯାଇ ସୋଲ କାଗଜ ବ୍ୟବହାର କରାଯାଇଥାଏ । ତା’ ପରେ ଅଳ୍ପଖରାରେ ସେହି ମୂର୍ତ୍ତିକୁ ଶୁଖାଯାଇ ତା’ ଉପରେ ବିଭିନ୍ନ ପ୍ରକାରର ରଙ୍ଗକୁ ବୋଳା ଯାଇ ମୂର୍ତ୍ତିକୁ ଆକର୍ଷଣୀୟ କରାଯାଇଥାଏ । ବିଶେଷକରି ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ଚରିତ୍ରର କାଳ୍ପନିକ କଳାକୃତିକୁ କାରିଗରମାନେ କରିଥାନ୍ତି । ଯଥା–ରାକ୍ଷସ, ରାବଣ, ମହିରାବଣ, ଜାମ୍ବବାନ, ବକାସୁର, ଅଘାସୁର, ମାରୀଚ ଇତ୍ୟାଦି । ସେହିପରି କାଠକଣ୍ଢେଇ ମଧରେ ବଗ, ଗଛ, ବିଲୁଆ, ଗାଈ, ବାଘ, ପକ୍ଷୀ, ଠେକୁଆ, ଛୋଟ ଶଗଡ଼, ଡଙ୍ଗା, ଛୋଟଛୋଟ ଚଢେଇ ଇତ୍ୟାଦି । ବିଭିନ୍ନ ମେଳା ମହୋତ୍ସବରେ ଏହି କଳାକୃତିକୁ ବିକ୍ରିପାଇଁ କାରିଗରମାନେ ନେଇଥାନ୍ତି, ବିଶେଷକରି ୧୦ଟଙ୍କାରୁ ଆରମ୍ଭ କରି ୨ହଜାର ଟଙ୍କା ଯାଏ କାଠମୂର୍ତ୍ତିର ମୂଲ୍ୟ ରହିଥାଏ ।

**ପିତ୍ତଳମୂର୍ତ୍ତି:** କଟକଜିଲାର ଭଙ୍ଗିମୁଣ୍ଡା, ଢେଙ୍କାନାଳର ଭୁବନ, ସମ୍ବଲପୁରର ରେଙ୍ଗାଲି, ଗଞ୍ଜାମର ବେଲଗୁଣ୍ଠା, ଖୋର୍ଦ୍ଧାର ବାଲକାଟୀ ଓ ଭଇଁଚୁଆରେ କଂସା ପିତ୍ତଳ ମୂର୍ତ୍ତିର ଚାହିଦା ରହିଛି । ନୟାଗଡ଼ ଜିଲାର ଖଣ୍ଡପଡ଼ା ବ୍ଲକର ଖଳିସାହିଗାଁରେ ଏହି ପିତ୍ତଳମୂର୍ତ୍ତି ତିଆରି ହୋଇଥାଏ । ପ୍ରତିଦିନ ଭୋରୁ ଭାଟିଜଳେ । ଶାଳଘରେ ଭାଟିରେ ଏକ ନିର୍ଦ୍ଦିଷ୍ଟ ଆକୃତି ଚୁଲା ରହିଥାଏ । ଏହି ଚୁଲାରେ ନିଆଁ ଦାଉ ଦାଉ ହୋଇ ଜଳୁଥାଏ । ଏଥିରେ ପିତ୍ତଳ ତରଳାଯାଏ । ଗୋଟିଏ ଗୋଟିଏ ଶାଳରେ ପ୍ରାୟ ୫ଜଣ ଲେଖାଏ ନିୟୋଜିତ ଥାନ୍ତି । ମୂର୍ତ୍ତି ଗଢିବା ସମ୍ପର୍କରେ ସରୋଜ ମହାରଣା କୁହନ୍ତି, ପ୍ରଥମେ ବରାଦ ହୋଇଥିବା ମୂର୍ତ୍ତି ପାଇଁ ଏକ ମହମ ମୂର୍ତ୍ତିର ଛାଞ୍ଚ ଗଢାଯାଏ କିମ୍ବା ମହୁଫେଣାଅଠାରେ ତା’ ଉପରେ ମାଟି ଅଖାର ମିଶ୍ରଣର ଦୁଇ ପରସ୍ତ ଲେପ ଦେଇ ଶୁଖାଯାଇଥାଏ । ଛାଞ୍ଚକୁ ପ୍ରଥମେ ଭାଟିରେ ପୋଡ଼ି ସେଥିରୁ ସମସ୍ତ ମହମ ବାହାରିଯାଏ । ପରେ ତରଳା ଯାଇଥିବା ପିତ୍ତଳକୁ ସେହି ମାଟି ଛାଞ୍ଚରେ ଢଳାଯାଇଥାଏ ପରେ ଏହା ମୂର୍ତ୍ତିଆକାରରେ ବାହାରିଥାଏ । ଏହି ପିତ୍ତଳମୂର୍ତ୍ତିର ମୂଲ୍ୟ ବିଭିନ୍ନ ସ୍ଥାନରେ ଅଲଗା ଅଲଗା ରହିଥାଏ ।

**କାଗଜମୁଖା:** କାଗଜମୁଖା ତିଆରି କରିବା ପୂର୍ବରୁ କାରିଗରମାନେ ତେନ୍ତୁଳି ମଞ୍ଜିକୁ ଛେଚି ପରେ ତାକୁ ସିଝାଇ ସେଥିରୁ ଅଠା ପ୍ରସ୍ତୁତ କରି ତରଳଅଠାକୁ ଛାଣି ଥଣ୍ଡା କରିରଖିଥାନ୍ତି । ପରେ ବିଭିନ୍ନ କଳାକୃତି ଛାଞ୍ଚରେ କାଗଜ ପରସ୍ତରେ ଅଠା ସହ କରତଗୁଣ୍ଡ ଦେଇ ପୁଣି କାଗଜ ଦେଇ ଖରାରେ ଶୁଖାଯାଇଥାଏ । ମୁଖାଗୁଡ଼ିକରେ ଧଳା ଖଡ଼ିଚୂନ ବୋଳି ଖରାରେ ଶୁଖାଇ ଦେଇଥାନ୍ତି । ପରେ ବିଭିନ୍ନ ରଙ୍ଗ ଦେଇଥାନ୍ତି । ଖୋର୍ଦ୍ଧାଜିଲା ବେଗୁନିଆ ବ୍ଲକର କରଡ଼ଗାଡ଼ିଆ ଗାଁରେ କାଗଜମୁଖା କାରିଗରମାନେ ଏହି କଳାକୃତି କରିଥାନ୍ତି । କାଗଜମୁଖାଗୁଡ଼ିକ ପ୍ରାୟ ୧୦ଟଙ୍କାରୁ ୫ଶହଟଙ୍କା ଯାଏ ବିକ୍ରି ହୁଏ ।ଏହି ଗାଁ ବ୍ୟତୀତ ରାଜ୍ୟର ରଘୁରାଜପୁର, ତିଗିରିଆ, ପୁରୀ, ଖଣ୍ଡପଡ଼ା, ଆଦି ଅଞ୍ଚଳରେ ଗୋବରକଣ୍ଢେଇ, କାଠକଣ୍ଢେଇ , କାଗଜ ମୁଖା କାରିଗରମାନେ ରହିଛନ୍ତି ।


**ଟେରାକୋଟା କଳାକୃତି:** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅନ୍ତର୍ଗତ ବାଟ ହରିଚନ୍ଦନପୁର କୁମ୍ଭାରସାହିର କାରିଗରମାନେ ଟେରାକୋଟା କଳାକୃତିରେ ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି । ସେହିପରି ହଳଧରପୁର ଗାଁର କାରିଗରମାନେ ଏହି ହସ୍ତକଳାରେ ନିଜର ଜୀବିକା ନିର୍ବାହ କରିଥାନ୍ତି । ଏହି କାରିଗରଙ୍କ ହାତର ସ୍ପର୍ଶରେ ବିଭିନ୍ନ ପ୍ରକାରର ମାଟିର ଟେରାକୋଟା କଳାକୃତି ସୃଷ୍ଟି ହୋଇଥାଏ । ପ୍ରଥମେ କଞ୍ଚାମାଟିକୁ କିଛି କଳାକୃତି ଛାଞ୍ଚରେ ପକାଇ କଳାକୃତିର ନମୁନାକୁ ବାହାର କରାଯାଇଥାଏ । ପରେ ଅଳ୍ପଖରାରେ ସେହି କଳାକୃତିକୁ ଶୁଖାଇ ତାକୁ ମସୃଣ କରିଥାନ୍ତି । ତା’ପରେ ଅଳ୍ପ ଓଦାଥିବା କଳାକୃତିକୁ ଭାଟିରେ ପୋଡ଼ାଯାଇଥାଏ । କେଦାରନାଥ ସାହୁ କୁହନ୍ତି, ପ୍ରାୟ ୫ଟଙ୍କାରୁ ଆରମ୍ଭକରି ୫ହଜାର ଟଙ୍କା ମୂଲ୍ୟରେ ବିଭିନ୍ନ ଟେରାକୋଟାକୁ ବିକ୍ରିକରାଯାଇଥାଏ । ହାତୀଘୋଡ଼ା,ବାଘ,ଫୁଲଦାନି, ଜୀବଜନ୍ତୁ ଆଦି ଟେରାକୋଟାର କଳାକୃତି ତିଆରି ହୋଇଥାଏ । ବିଭିନ୍ନ ମେଳାମହୋତ୍ସବରେ ବିକ୍ରିହେଉଥିବା ଏସବୁ ଦେଖିବାକୁ ମିଳେ । ଏହା ବ୍ୟତୀତ ଓଡ଼ିଶାର ଆହୁରି ଅନେକଗାଁର କଳାକାରମାନେ ବିଭିନ୍ନ ପାରମ୍ପରିକ କଳାକୃତି ତିଆରି କରିଥାନ୍ତି ।

–ବନବିହାରୀ ବେହେରା


–ଲୋକନାଥ ମିଶ୍ର, କିଶୋରଚନ୍ଦ୍ର ମହାପାତ୍ର, ଅଜୟ ମହାରଣା, ରାଜେନ୍ଦ୍ର ପଟ୍ଟନାୟକ













# ଜନ୍ ଡନ୍




ଏଲିଜାବେଥୀୟ ଯୁଗର ପାରମ୍ପରିକ କାବ୍ୟ ଶିଳ୍ପକଳାକୁ ପରିବର୍ତ୍ତନ କରି ସେଥିରେ ଆଧୁନିକତାର ସ୍ପର୍ଶ ଦେଇଥିବା କବିମାନଙ୍କ ମଧ୍ୟରେ ବ୍ରିଟିଶ୍ କବି ଜନ୍ ଡନ୍ ଅନ୍ୟତମ। ସେ କେବଳ ଜଣେ କବି ନ ଥିଲେ ; ଅଧିକନ୍ତୁ ଚର୍ଚ୍ଚ ଅଫ୍ ଇଂଲଣ୍ଡର ଜଣେ ବିଶିଷ୍ଟ କର୍ମକର୍ତ୍ତା ଥିଲେ। ତାଙ୍କର ସାହିତ୍ୟ ସର୍ଜନା ଲୋକଲୋଚନକୁ ଆସିବା ପରେ ବିଶ୍ୱ ସାହିତ୍ୟ ଜଗତରେ ଏକ ନୂଆ ଧାରାର ଅଭ୍ୟୁଦୟ ହେଲା ବୋଲି ଅନେକେ ମତବ୍ୟକ୍ତ କରିଥିଲେ। ପ୍ରାର୍ଥିବ ବିଷୟବସ୍ତୁକୁ ଅପ୍ରାର୍ଥିବ ତଥା ଅଲୌକିକ ଢଙ୍ଗରେ ପ୍ରକାଶ କରିବାରେ ଜନ୍ ଡନ୍ ଥିଲେ ଜଣେ ଧୂରୀଣ ବିନ୍ଧାଣି। ପ୍ରେମ କବିତା, ଭକ୍ତି କବିତା, ଆଧ୍ୟାତ୍ମିକ କବିତା, ସନେଟ୍, ଗୀତ, ବ୍ୟଙ୍ଗ କବିତା, ସ୍ତୋତ୍ର ଆଦି ସେ ଶହ ଶହ ସଂଖ୍ୟାରେ ରଚନା କରିଛନ୍ତି। ତାଙ୍କ କବିତାରେ ପ୍ରତୀକର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ। ଖାସ୍ ଏହି କାରଣ ପାଇଁ ସେ ତାଙ୍କ ସମସାମୟିକ କବିମାନଙ୍କଠାରୁ ଭିନ୍ନ ବୋଲି ବାରିହୋଇ ପଡ଼ିଥିଲେ।

**ବାପାଙ୍କ ଦେହାନ୍ତ :** ୧୫୭୨ ମସିହା ଜାନୁୟାରୀ ୨୨ ତାରିଖରେ ବ୍ରିଟେନ୍‌ର ଏକ କ୍ୟାଥୋଲିକ୍ ପରିବାରରେ ଜନ୍ ଡନ୍ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଥିଲା ଜନ୍ ଡନ୍ ସିନିଅର। ମା'ଙ୍କ ନାମ ଥିଲା ଏଲିଜାବେଥ୍ ହେିଉଡ୍। ତାଙ୍କ ମା'ବାପାଙ୍କ ୬ ସନ୍ତାନ ମଧ୍ୟରୁ ସେ ଥିଲେ ତୃତୀୟ ସନ୍ତାନ। ଯଦିଓ ତାଙ୍କ ପରିବାର ଏକ ବିତ୍ତଶାଳୀ ପରିବାର ନ ଥିଲା ; ଚର୍ଚ୍ଚ ସହ ଜଡ଼ିତ ଥିବାରୁ ସମାଜରେ ସେମାନଙ୍କର ଏକ ପତିଆରା ରହିଥିଲା। ଲୋକମାନେ ତାଙ୍କୁ ସମ୍ମାନ ଜଣାଉଥିଲେ। ଜନ୍‌ଙ୍କୁ ଯେତେବେଳେ ଚାରିବର୍ଷ ବୟସ ହୋଇଥିଲା, ତାଙ୍କ ବାପାଙ୍କର ଦେହାନ୍ତ ଘଟିଲା। ଏହା ଥିଲା ତାଙ୍କ ପରିବାର ପାଇଁ ଏକ ଦୁଃଖଦ ଅଧ୍ୟାୟର ଅୟମାରମ୍ଭ। ମା' ଏଲିଜାବେଥ୍ ସମ୍ପୂର୍ଣ୍ଣ ଏକୁଟିଆ ହୋଇଗଲେ। ତାଙ୍କ କାନ୍ଧ ଉପରେ ୬ଟି ପିଲାଙ୍କର ଲାଳନପାଳନ ତଥା ପାଠପଢ଼ାର ଦାୟିତ୍ୱ ନ୍ୟସ୍ତ ଥିଲା। ପିଲାମାନଙ୍କୁ ବଞ୍ଚେଇ ରଖିବା ପାଇଁ ସେ ବାଧ୍ୟହୋଇ ଡକ୍ଟର ଜନ୍ ସାଇମିଞ୍ଜ୍‌ଙ୍କୁ ଦ୍ୱିତୀୟ ବିବାହ କଲେ। ଜନ୍ ସାଇମିଞ୍ଜ୍ ତାଙ୍କ ପିଲାମାନଙ୍କର ତତ୍ତ୍ୱାବଧାରକ ହେବାର ପ୍ରତିଶ୍ରୁତି ମଧ୍ୟ ଦେଲେ।


**ଅବ୍ୟବସ୍ଥିତ କୈଶୋର:** ବାପାଙ୍କ ଦେହାନ୍ତ, ମା'ଙ୍କର ଦ୍ୱିତୀୟ ବିବାହ, ପରିବାରର ଆର୍ଥିକ ଅସ୍ୱଚ୍ଛଳତା ଆଦି ଘଟଣା ଜନ୍ ଡନ୍‌ଙ୍କ ଶୈଶବକୁ ଏକପ୍ରକାର ଅବ୍ୟବସ୍ଥିତ କରି ପକାଇଥିଲା। ଏହିସବୁ ବିପର୍ଯ୍ୟୟ ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଆତ୍ମମଗ୍ନ କରିଦେଇଥିଲା। ସେ କାହା ସହ ବେଶି ମିଳାମିଶା କରୁ ନ ଥିଲେ। ତା' ପରିବର୍ତ୍ତେ ସେ ସବୁବେଳେ ଚିନ୍ତାମଗ୍ନ ରହୁଥିଲେ। ବିଭିନ୍ନ ପ୍ରକାର ପୁସ୍ତକ ଅଧ୍ୟୟନ କରୁଥିଲେ। ସ୍କୁଲ ତଥା କଲେଜରେ ଜଣେ ମେଧାବୀ ଛାତ୍ର ଭାବରେ ପରିଚିତ ଥିଲେ ଜନ୍। ସେ ନିଜକୁ କେବଳ ପାଠବହି ମଧ୍ୟରେ ସୀମିତ କରି ରଖି ନ ଥିଲେ। କୈଶୋରରୁ ଜନ୍ ଡନ୍‌ଙ୍କର କବିତ୍ୱର ଉଦୟ ହୋଇଥିଲା। ସେ ଏଭଳି କବିତା ସବୁ ଲେଖୁଥିଲେ ଯେ, ତାହା ତାଙ୍କ ଶିକ୍ଷକମାନଙ୍କୁ ଚମତ୍କୃତ କରିଦଉଥିଲା। ସେସବୁ କବିତା ଥିଲା ତାଙ୍କ ଅନ୍ତର୍ମନର ପ୍ରତୀକ। ଅତି ପ୍ରତୀକାତ୍ମକ ଢଙ୍ଗରେ ସେ ନିଜ ଭିତରର ଦୁଃଖ, ହତାଶା, ବିଦ୍ରୋହ ସବୁକୁ ଶବ୍ଦରୂପ ଦେଇପାରୁଥିଲେ।




**କ୍ୟାରିୟର ଓ ବିବାହ:** ପାଠପଢ଼ା ଶେଷ କରିବା ପରେ ଜନ୍ ଡନ୍ ଜଣେ ଡିପ୍ଲୋମାଟ୍ ଭାବରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହା ଥିଲା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି। ମଣିଷକୁ ପଢ଼ିବାର ସୁଯୋଗ ସେ ଏହି ଡିପ୍ଲୋମାଟ୍ ଚାକିରିରୁ ହିଁ ହାସଲ କରିଥିଲେ। ଏହି ସମୟରେ ସେ ଆନ୍ ମୋର୍ ନାମ୍ନୀ ଜନୈକା ତରୁଣୀଙ୍କୁ ପ୍ରେମ କରୁଥିଲେ। ଉଭୟ ଆନ୍ ଏବଂ ଜନ୍ ପରସ୍ପରକୁ ବିବାହ କରିବାକୁ ଚାହୁଁଥିଲେ। ମାତ୍ର ସେମାନଙ୍କ ବିବାହକୁ ନା ଉଭୟଙ୍କ ପରିବାର ଲୋକେ ସ୍ୱୀକାର କରୁଥିଲେ ନା ଚର୍ଚ୍ଚ ସ୍ୱୀକୃତି ଦେଉଥିଲା। ହେଲେ ଜନ୍ ଓ ଆନ୍ ନିଜର ପ୍ରେମକୁ ନେଇ ଥିଲେ ବେଶ୍ ଦୃଢ଼। ତେଣୁ ସେମାନେ କାହାକୁ କିଛି ନ ଜଣେଇ ବିବାହ କରିଗଲେ। ହେଲେ କେତେଦିନ ବା ସେମାନେ ଏହି ପ୍ରେମକୁ ଲୁଚେଇ ରଖିପାରନ୍ତେ! ସେକଥା ଜଣାପଡ଼ିବା ପରେ ଜନ୍‌ଙ୍କ ଜୀବନକୁ ବିପର୍ଯ୍ୟୟ ଘନେଇ ଆସିଲା। ସେ ଚାକିରିରୁ ତଡ଼ା ଖାଇଲେ। ପାରିବାରିକ ବିରୋଧର ଶିକାର ହେଲେ। ଲେଖାଲେଖି ବାଧାପ୍ରାପ୍ତ ହେଲା। ସେ ମାନସିକ ଦ୍ୱନ୍ଦ୍ୱରେ ପଡ଼ି ଯନ୍ତ୍ରଣା ଭୋଗିଲେ। ତେବେ ସେମାନଙ୍କ ପ୍ରେମ ଥିଲା ସ୍ୱଚ୍ଛ। ଜଣେ ପତ୍ନୀ ଭାବରେ ଆନ୍ ନିଜର ଦାୟିତ୍ୱ ନିର୍ବାହ କରିବାରେ ତିଳେ ବି ଅବହେଳା କରି ନ ଥିଲେ। କିଛିବର୍ଷର ବିପର୍ଯ୍ୟୟ ପରେ ତାଙ୍କ ବିବାହକୁ ସ୍ୱୀକୃତି ଦେଲା ଚର୍ଚ୍ଚ। ବିପର୍ଯ୍ୟୟ ଦୂରେଇଗଲା। ପୁଣିଥରେ ସେମାନଙ୍କ ଜୀବନକୁ ହସଖୁସି ଫେରି ଆସିଲା।

୧୬୩୧, ମାର୍ଚ୍ଚ ୩୧ ତାରିଖ। ଏହି ଦିନ ଏହି ପ୍ରତିଭାଧର ବ୍ୟକ୍ତିତ୍ୱଙ୍କ ପରଲୋକ ଘଟିଥିଲା।

ବ୍ରିଟିଶ୍ କବି ଜନ୍ ଡନ୍ କେବଳ ଜଣେ କବି ନ ଥିଲେ; ଅଧିକନ୍ତୁ ଚର୍ଚ୍ଚ ଅଫ୍ ଇଂଲଣ୍ଡର ଜଣେ ବିଶିଷ୍ଟ କର୍ମକର୍ତ୍ତା ଥିଲେ। ତାଙ୍କର ସାହିତ୍ୟ ସର୍ଜନା ଲୋକଲୋଚନକୁ ଆସିବା ପରେ ବିଶ୍ୱ ସାହିତ୍ୟ ଜଗତରେ ଏକ ନୂଆ ଧାରାର ଅଭ୍ୟୁଦୟ ହେଲା ବୋଲି ଅନେକେ ମତବ୍ୟକ୍ତ କରିଥିଲେ।



# ନୀରବ ଆଳାପ

– ବୀଣାପାଣି ପ୍ରଧାନ

ବାସ୍
ବେଶି କିଛି ବଦଳିନି ସେଇଦିନୁ
ଚା' କି କଫି ଟିକେ ବେଶି
ଏକାନ୍ତରେ କବିତା ବହି ଦି' ଚାରିଟା
ଅନେକ ଅନ୍ତର୍ଦ୍ୱନ୍ଦ୍ୱ ପର ବି
କିଛିଟା ସମ୍ପର୍କର ଭାର ।

ବେଳେବେଳେ ନିଜ ସହ
ଖୁବ୍ ଗପେ, ଆଇନାରେ
ନିଜକୁ ସଜାଏ, ହେଲେ ଡରଲାଗେ
କାଳେ ଏ ଅଭିନୟର ପର୍ଦ୍ଦାଫାଶ ହେବ,
ଶୂଳିରେ ଚଢ଼ିବି କି ଗୁଡ଼ାଏ ଅପମାନକୁ
ବହି ଚାଲିବି, ନ ହେଲେ–
ପୁଣି ଗୋଟେ କାହାର ଚକ୍ଷୁଶୂଳ ହେବି ।

ନିଜ ସ୍ୱପ୍ନ ସବୁ ସେଇଦିନ
ହୋମାଗ୍ନିରେ ଜାଳିଦେବା ପରେ
ମୁଁ ଖୁବ୍ ଜୋରରେ ହସିପାରେ
ଅନ୍ୟ କାହାର ସ୍ୱପ୍ନ ସବୁ ସାକାର ହେଉ
ବୋଲି ଯଜ୍ଞବେଦି ତିଆରେ
ପୂର୍ଣ୍ଣାହୁତିରେ ସବୁଯାକ ଅନ୍ତର ଅଜାଡ଼େ ।
ଗୋଟେ ଗୋଟେ ସମୟକୁ ଭାଗ ଲଗାଏ
ମୋ ଭିତରେ କିଏ ଗୋଟେ ମରେ
ଜିଇବାର ବାହାନାରେ
ମୁଁ ଆଭିଜାତ୍ୟକୁ ଜାବୁଡ଼ି ଧରେ ।

ଦେଖି ମୁଁ ଏବେ ବି ଆଗଭଳି ହସେ,
ଅନେକ ନିଜ ଲୋକଙ୍କଠୁ ଦୂରେଇ ଗଲାପରେ
କପାଳରେ ନାରୀତ୍ୱର ସୀମା ଆଙ୍କି
ପରକୁ ଆପଣାର କରେ,
ଗୁଡ଼ାଏ କର୍ତ୍ତବ୍ୟ, ଦାୟିତ୍ୱକୁ
ଜୀବନ ବୋଲି ଭାବେ ।
ଏଠି ସେଠି ବେଶ୍ ଗୁଡ଼ାଏ ଅଭିନୟ ପରେ
ଖୁବ୍ ଭଲରେ ବେଶି ଟିକେ କାନ୍ଦିପାରେ ।

ଗୁଡ଼ାଏ କବିତା, ନଭେଲ ପଢ଼ି
ମନ ହାଲକା ପରେ
ଲାଗେ ବେଶିକିଛି ବଦଳିନି ସେଇଦିନ ପରେ
ଗୁଡ଼ାଏ ସ୍ମୃତି ଘଣ୍ଟାଘଣ୍ଟି କରି
ରୁଷେ, ଅଭିମାନ କରେ ନିଆଁଲଗା ବୟସକୁ
ସମୟକୁ ଜାଣିଶୁଣି ଫୋପାଡ଼େ କିଛି ମିଠା
ଅତୀତକୁ, କେଜାଣି କୋଉଠି ପଡ଼ି,
ପୁଣି କୁହୁଳି ଖୋଜୁଥାଏ
ସେ ବିଗତ ଦିନକୁ ।।

*– ସୁଆସନା ସେଣ୍ଟ୍ରାଲ କୋଣ୍ଡୋମିନିୟମ୍,*
*କୁଆଲାଲମ୍ପୁର, ମାଲେସିଆ*



# ଡୋମେଷ୍ଟିକ୍ ଭାଓଲେନ୍ସ

– ପରଂବ୍ରହ୍ମ ତ୍ରିପାଠୀ

'ଛାଡ୍ ନା, ପଏଣ୍ଟକୁ ଆ' । ସିମ୍ପଲ୍ କଥା । ଅନ୍ୟମାନଙ୍କ ମୁହଁରେ କୁହାଇଦିଅ ଆଉ ପ୍ରମାଣିତ କରେଇଦିଅ ଯେ, ସେ ଗୁଡ଼ାଏ ପିଏ । ହି ଇଜ୍ ଆନ୍ ଆଲକୋହଲିକ୍ ।'' ପକେଟ୍‌ରୁ ସିଗାରେଟ୍ କାଢୁକାଢୁ କହିଲା ଅବିନାଶ ।

''ତ, କ'ଣ ହେବ ସେଥିରୁ ?'' ଟିକେ ଆଶ୍ଚର୍ଯ୍ୟ ହୋଇ ପଚାରିଲା ଅଦିତି ।

''ଯିଏ ପିଏ, ସିଏ ତା' ଘରକୁ କେବେ ନା କେବେ ତ ପିଇକି ଯାଉଥିବ । ପିଇକି ଯାଉଥିବ ମାନେ କେବେ ନା କେବେ ତ ଘରେ ଜୋର ପାଟିରେ କଥା ହେଉଥିବ । ଜୋର ପାଟି କରୁଥିବ ମାନେ ତା' ସ୍ତ୍ରୀ ଏଥିରେ ଇମୋଶନାଲି ଆହତ ହେଉଥିବ । ଏଇଟା ନିହାତି ସିମ୍ପଲ୍ ।''

''ତ ?'' ପଚାରିଲା ଅଦିତି ।

'ତ ! ଯଦି ତା' ସ୍ତ୍ରୀକୁ ମନେଇହେଲା, ତାକୁ ଡୋମେଷ୍ଟିକ୍ ଭାଓଲେନ୍ସରେ ଅନ୍ତତଃ କିଛିଦିନ ପାଇଁ ଭିତରେ କରିହେବ । ଆର ଶୁକ୍ରବାର ଛୁଟି । ତା'ପରେ ସେକେଣ୍ଡ ସଟର ଡେ । ଯଦି ଗୁରୁବାର ରାତିରେ ଆରେଷ୍ଟ ହେଲା ତା'ହେଲେ ଆମ ପାଖରେ ପୂରା ସାତଦିନ ।'' ଧୂଆଁ ଛାଡୁଛାଡୁ କହିଲା ଅବିନାଶ ।

''କୋର୍ଟରେ ଯଦି ପ୍ରମାଣ କରି ନ ହେଲା ? ? ?'' ଦୀର୍ଘଶ୍ୱାସ ନେଇ କହିଲା ଅଦିତି ।

''ସୁପ୍ରିମ୍‌କୋର୍ଟ ପରା ନିଜେ କହିଛନ୍ତି ପଞ୍ଚାନବେ ପରସେଣ୍ଟ ଏଭଳି କେସ୍ ମିଛ ବୋଲି । ତା' ଭିତରୁ ଇଏ ଆଉ ଗୋଟେ ହେବ । ଅଧିକ କ'ଣଟା ଯେ ? ଦୋଷୀ ହେଉ କି ନିର୍ଦ୍ଦୋଷ ଆମର ଯାଏ କେତେ ଆସେ କେତେ ? ସେମିତି ବି ତାକୁ ଛ'ସାତଦିନ ଭିତରେ ବେଲ୍ ମିଳିଯିବ । କିନ୍ତୁ ଥରେ ଗିରଫ ହୋଇଗଲେ ମାର୍କେଟ୍‌କୁ ଫେରିବା ଆଉ ମୁଣ୍ଡ ଉଠେଇ କଥା ହେବାକୁ କେତେ ବର୍ଷ ଯେ ଲାଗିବ ତା'ର ଠିକଣା ନାହିଁ ।'' ଆଶ୍‌ଟ୍ରେକୁ ବୁଲେଇ ବୁଲେଇ କହିଲା ଅବିନାଶ ।

''ଆର ୟୁ ସିଓର ? ଏମିତି କରିହେବ ?'' ଅଦିତି ପଚାରିଲା ଥରଥର କଣ୍ଠରେ ।

ଧୂଆଁ ଛାଡୁଛାଡୁ ଦାର୍ଶନିକ ଭଙ୍ଗୀରେ କହିଲା ଅବିନାଶ– 'ଗୋଟାଏ ଲୋକକୁ ଗଢ଼ିବା ହେଉ କି ଭାଙ୍ଗିବା, ସବୁଠାରୁ ଭରସାଯୋଗ୍ୟ, ସହଜ ଓ ଶକ୍ତିଶାଳୀ ଅସ୍ତ୍ରଟା ପରା ତା' ପରିବାର !'

*– ନାଉଗାଁ ହାଟ, ଜଗତ୍‌ସିଂହପୁର*





# ବର୍ଷ

– ଉମାଶଙ୍କର ପାଳ

ଶୀତରେ ଶୋଇଥିଲି
ସମୟର ଜରାୟୁ ଭିତରେ
ଉଷୁମ ନିଦରେ ।


ଆଖି ମେଲିଲା ପରେ ଦେଖିଲି
ଧରାରେ କଅଁଳ ଖରା
ବସିଛି ବସନ୍ତର ମେଳା
ଉଦଣ୍ଡ ପିଲା ପରି ବୁଲିଲି
ମଳୟ ସାଥିରେ, ଫୁଲର ଗଳିରେ ।

ବୈଶାଖୀ କାମନାରେ
ନିଆଁ ଲାଗିଲା ଦେହରେ
ମନ ହେଲା ଚଞ୍ଚଳ
ପାଇବାକୁ କାହାର ପରଶ, ଶୀତଳ ।

ଆକାଶରେ ଆଖି ମିଟିକା ମାରି
ଆସିଲା ବର୍ଷା
ଅନର୍ଗଳ ଗପିଲା
ସହସ୍ର ଆଲିଙ୍ଗନରେ
ଅଜସ୍ର ପ୍ରେମଧାରାରେ
ଗାଧୋଇ ଦେଲା ମୋତେ
ମୁଁ କ୍ରମଶଃ ଦିଶିଲି
ଉଜ୍ଜ୍ୱଳ, ନିର୍ମଳ
ଶାରଦୀୟ ପରିପୂର୍ଣ୍ଣତାରେ ।

ହେମନ୍ତରେ ରକ୍ତ ହେଲା ହେମାଳ
ଥର୍ଥର ଦେହ ଶିଥିଳ
ସଂଖ୍ୟାଟିଏ ହୋଇ ମିଶିଗଲି
ସମୟର ଦିଗ୍‌ବଳୟରେ
ପୁନଶ୍ଚ ସଞ୍ଚାର ହେବାକୁ
ନିରବଧି କାଳର ଜରାୟୁ ଭିତରେ ।।

*– ସହଯୋଗୀ ଅଧ୍ୟାପକ,*
*ଓୟୁଏଟି, ଭୁବନେଶ୍ୱର*



# କାହାଁକୁ ଡରନ୍ତି ଟାଇଗର

ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଭାବରେ ପରିଚିତ ଟାଇଗର ଶ୍ରଫ। ତାଙ୍କର ଫିଗର ଦେଖିଲେ କିଏ ବା ବିଶ୍ୱାସ କରିବ ଯେ, ସେ ବଡ଼ ରୁମ୍ ଭିତରେ ଏକୁଟିଆ ଶୋଇବାକୁ ଡରନ୍ତି ବୋଲି। ହେଲେ ବଡ଼ ରୁମ୍‌ରେ ଏକୁଟିଆ ଶୋଇବାକୁ ସେ ଡରନ୍ତି କାହିଁକି ? ଏହାର ଉତ୍ତରରେ ଟାଇଗର କହନ୍ତି, ‘‘ପିଲାଦିନେ ମୁଁ ଥରେ ହଲିଉଡ୍‌ର ଏକ ହରର ଫିଲ୍ମ ଦେଖିଥିଲି। ତାକୁ ଦେଖିବା ପରେ ବଡ଼ଘରେ ଏକୁଟିଆ ଶୋଇବାକୁ ମୋ ମନରେ ଭୟ ସୃଷ୍ଟି ହୋଇଥିଲା। ସେହି ଭୟ ଏ ପର୍ଯ୍ୟନ୍ତ ମୋ ମନରେ ରହିଛି। ଏପରି କି ଶୁଟିଂ ସମୟରେ ହୋଟେଲରେ ଏକୁଟିଆ ଶୋଇ ନ ଥାଏ। କେତେଜଣ ସାଙ୍ଗଙ୍କ ସହ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ଖଟି ଚାଲେ ଆଉ ତା’ପରେ ଏକାଠି ଶୋଇପଡୁ।’’ ଟାଇଗରଙ୍କ ଖାଦ୍ୟ ପ୍ରତି ବେଶ୍ ଦୁର୍ବଳତା ରହିଛି। ମନଲୋଭା ଖାଦ୍ୟ ଦେଖିଲେ ସେ ଲୋଭ ସମ୍ବରଣ କରିପାରନ୍ତି ନାହିଁ।


ସାରା

# ସାରାଙ୍କ ଲଭ୍ ଗୁରୁ କରୀନା

ବେଳେବେଳେ ପ୍ରେମ କେତେକଙ୍କୁ ଅଡୁଆରେ ପକାଇ ଦେଇଥାଏ। ଠିକ୍ ସେପରି ପ୍ରେମକୁ ନେଇ ବେଶ୍ ଟେନ୍‌ସନରେ ଅଛନ୍ତି ସାରା ଅଲ୍ଲୀ ଖାଁ। ସେ କୁଆଡ଼େ ଏବେ ତାଙ୍କର ପ୍ରଥମ ସିନେମାର ନାୟକ ସୁଶାନ୍ତ ସିଂ ରାଜପୁତଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ଏକଥା ଯେତେବେଳେ ତାଙ୍କ କାନରେ ପଡ଼ିଲା ତାହା ଶୁଣି ସେ ରାଗି ନିଆଁବାଣ। ଏସବୁ ଆଲୋଚନାର ପରିସମାପ୍ତି କରିବାକୁ ସେ ସଫେଇ ଦେଇ କହନ୍ତି, ‘‘ଯାହା ସବୁ ଆଲୋଚନା ହେଉଛି ତାହା ମିଛ। କାରଣ ସୁଶାନ୍ତ ହେଉଛନ୍ତି ମୋର ଜଣେ ଭଲ ସାଙ୍ଗ। ତାଙ୍କ ସହ ମୋ ନାମକୁ ଯୋଡ଼ି ଯାହା ଆଲୋଚନା କରାଯାଉଛି ତା’ ପଛରେ ଆଦୌ ସତ୍ୟତା ନାହିଁ। ନିକଟରେ ଦୁହେଁ ଏକ ବାର୍ଥ ଡେ’ ପାର୍ଟିରେ ଯୋଗ ଦେବାକୁ ଯାଇଥିଲେ। ପାର୍ଟି ଶେଷ ହେବା ପରେ ସାରାଙ୍କୁ ତାଙ୍କ ଘରେ ଡ୍ରପ୍ କରିବାକୁ ନିଜେ ସୁଶାନ୍ତ ଯାଇଥିଲେ। ଅପରପକ୍ଷରେ ଦୁହିଁଙ୍କୁ ଏବେ ଅଧିକାଂଶ ସମୟ ପାର୍ଟି, ହୋଟେଲ, ରେଷ୍ଟୁରାଣ୍ଟରେ ଦେଖିବାକୁ ମିଳୁଛି। ତେବେ ଏଭଳି ସମ୍ପର୍କକୁ ନେଇ ସାରା ସଫେଇ ଦେଇଥିବା ବେଳେ ସୁଶାନ୍ତ ପୂରା ନୀରବ। କରୀନା ଏକ ସାକ୍ଷାତକାରରେ କହିଛନ୍ତି ଯେ ପ୍ରଥମ ଫିଲ୍ମର ହୀରୋଙ୍କ ସହ ସାରା ଡେଟିଂରେ ଯିବା ଠିକ୍ ନୁହେଁ, ଅର୍ଥାତ୍ ସୁଶାନ୍ତଙ୍କ ସହ ସାରା ଡେଟିଂ କରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଛନ୍ତି କରୀନା।

# ସ୍ପେଶାଲ ଲଞ୍ଚ୍


ଆଲିୟା-ରଣବୀର ସିଂ

ଆଲିୟାଙ୍କ ସ୍ପେଶାଲ ଲଞ୍ଚ୍‌କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ପୁଣି ସେଭଳି ଆଲୋଚନା ଆଗକୁ ବଢ଼ିବାକୁ ବେଶ୍ ଖୋରାକ ଯୋଗାଉଛନ୍ତି ସେ। ହେଲେ ହଠାତ୍ ଏପରି ସ୍ପେଶାଲ ଲଞ୍ଚ୍ ଆୟୋଜନ କରିବା ପଛରେ କିଛି କାରଣ ଅଛି କି ? ହଁ, ତାହା ତ ନିଶ୍ଚୟ ରହିଛି। କଥା କ’ଣ କି ଆଲିୟାଙ୍କ ଅଭିନୀତ ‘ଗଲି ବୟ’ ନିକଟରେ ରିଲିଜ ହୋଇ ସଫଳତା ହାସଲ କରିଛି। ଏହି ଖୁସିରେ ସେ ନିଜ ଘରେ ଏକ ଲଞ୍ଚ୍ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ଯୋଗଦେବାକୁ ‘ଗଲି ବୟ’ର କଳାକାରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଏଥିରେ ଜଣେ ସ୍ପେଶାଲ ବ୍ୟକ୍ତିଙ୍କୁ ବି ଦେଖିବାକୁ ମିଳିଥିଲା। ସେ କିଏ ହୋଇଥିବେ ନିଶ୍ଚୟ ଅନୁମାନ କରିପାରୁଥିବେ। ହଁ, ସେ ହେଲେ ତାଙ୍କର ପ୍ରେମିକ ରଣବୀର କପୁର। ରଣବୀର ସେମାନଙ୍କ ସହ ଯୋଗ ଦେବା ପରେ ଗୁମ୍‌ସୁମ୍ ଲାଗୁଥିବା ଆଲିୟାଙ୍କ ମୁହଁରେ ହସର ଜୁଆର ଖେଳିଯାଇଥିଲା। ଏହି ଅବସରରେ ସେ କିଛି କହିବା ସମୟରେ ଉଭୟ ରଣବୀର କପୁର ଏବଂ ରଣବୀର ସିଂଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ।


ଟାଇଗର ଶ୍ରଫ


‘ହୀରାଲାଲ୍ ମୋତିଲାଲ୍’ ଚଳଚ୍ଚିତ୍ରରେ ଅମର-ଅମ୍ରିତା

# କ୍ଲାଇମାକ୍ସ ପାଇଁ ୧୦କୋଟି

ସଲ୍ମାନ୍-କ୍ୟାଟ୍ରିନା ଅଭିନୟ କରୁଥିବା ତଥା ନିର୍ମାଣାଧୀନ ହିନ୍ଦୀ ସିନେମା ‘ଭାରତ’କୁ ନେଇ ଗତ କିଛି ମାସ ହେବ ଆଲୋଚନା ଜାରି ରହିଛି। ଲଗାତାର କେତୋଟି ଫିଲ୍ମ ଫ୍ଲପ୍ ହେବା ପରେ ଏହି ସିନେମା ଉପରେ ଶତ ପ୍ରତିଶତ ଭରସା ରଖିଛନ୍ତି ସଲ୍ମାନ୍। ତେଣୁ ଏହାର ଶୁଟିଂ ସମୟରେ ନିଜେ ସବୁକିଛି ଅନୁଧ୍ୟାନ କରୁଛନ୍ତି। ଏହାର କ୍ଲାଇମାକ୍ସ ପାଇଁ ୧୦କୋଟି ଖର୍ଚ୍ଚ ହୋଇଛି ବୋଲି ଶୁଣିବାକୁ ମିଳୁଛି। ମୁମ୍ବାଇ ଫିଲ୍ମ ସିଟିର ଏପରି ବ୍ୟୟବହୁଳ ଦୃଶ୍ୟର ଶୁଟିଂ ଶେଷ କରିବାକୁ ପାଖାପାଖି ୨୪ ଘଣ୍ଟା ଲାଗିଥିଲା। ଅନ୍ୟପକ୍ଷରେ ବେଶ୍ ଉତ୍ସାହର ସହ ପ୍ୟାକ୍ ଅପ୍ ପର୍ଯ୍ୟନ୍ତ ସହଯୋଗ କରିଥିଲେ ସଲମାନ। କେବଳ ସଲ୍ମାନ୍ ନୁହନ୍ତି, ଜ୍ୟାକି ଶ୍ରଫ୍, ତବୁ, ସୁନୀଲ ଗ୍ରୋଭର ଏହି କ୍ଲାଇମାକ୍ସ ଶୁଟିଂରେ ରହିଥିଲେ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଲ୍ଲୀ ଆବାସ ଜାଫର।


ସଲ୍ମାନ୍-କ୍ୟାଟ୍ରିନା

# ପୂରଣ ହେଲା ଆଶା

ଓଡ଼ିଆ ସିନେମାରେ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ କମେଡିଆନ୍ ଭାବରେ। କେବଳ ବଡ଼ ପରଦା ନୁହେଁ, କେତୋଟି ଧାରାବାହିକରେ ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି ଏହି ହାସ୍ୟାଭିନେତା। ସେ ହେଲେ ଅମର। ନିକଟରେ ତାଙ୍କର ବହୁଦିନର ଆଶା ପୂରଣ ହୋଇଛି। ନିର୍ମାଣାଧୀନ ଏକ ଓଡ଼ିଆ ସିନେମାରେ ସେ ନାୟକ ସାଜିଛନ୍ତି। ଚଳଚ୍ଚିତ୍ରଟି ହେଲା ‘ହୀରାଲାଲ ମୋତିଲାଲ’। ଏଥିରେ ଅମର ହୀରାଲାଲ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଭୂମିକା ଅନୁସାରେ ସେ ସିନା ବ୍ରିଟିଶ ପୋଷାକ ପିନ୍ଧିଛି, ହେଲେ ଦେଶାତ୍ମବୋଧ ମନୋଭାବ ତାଙ୍କ ଭିତରେ ରହିଛି। ଜଣେ କ୍ରାନ୍ତିବୀର ଭାବରେ ସମାଜରେ ପରିବର୍ତ୍ତନ ଆଣିବାକୁ ସେ ଅଣ୍ଟା ଭିଡ଼ିଛି, ଯେଉଁଥିରେ ତାକୁ ସହାୟତା କରୁଛି ଅନ୍ୟତମ ନାୟକ ମୋତିଲାଲ (ବାଳକୃଷ୍ଣ)। ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହେବା ସମୟରେ ସେ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛି। ଆଉ ତା’ ପରେ କ’ଣ ହେଉଛି ତାହାର ଉତ୍ତର ସିନେମାରେ ରହିଛି। ମୁନ୍ ଟିଭି ମୁଭିଜ ବ୍ୟାନରରେ ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିନ୍ନି ପଟ୍ଟନାୟକ ଏବଂ ସଚୀକାନ୍ତ ଜେନା। ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ହେଉଛନ୍ତି ପ୍ରଣୟ ଜେଠୀ। ନିର୍ଦ୍ଦେଶନା ଭାର ତୁଲାଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ସମ୍ପୂର୍ଣ୍ଣ କମେଡି ତଡ଼କା ଥିବା ଏହି ଚଳଚ୍ଚିତ୍ରରେ ଅମରଙ୍କ ଅପୋଜିଟ୍‌ରେ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ନବାଗତା ବଙ୍ଗୀୟ ଅଭିନେତ୍ରୀ ଅମ୍ରିତା ହାଲ୍‌ଦାର। କେବଳ ସେତିକି ନୁହେଁ, ଆଉ ପାଞ୍ଚଜଣ ନୂଆ ନାୟିକା-ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀ ମଧ୍ୟ ଏଥିରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ବୈଦ୍ୟନାଥ ଦାଶ ସ୍ୱର ସଂଯୋଜନା କରିଛନ୍ତି।

# ବାଙ୍କ ଚାହାଣିରେ ଫସିଲା ମନ, ଅପେକ୍ଷାରେ ବିତିଯାଉଛି ଦିନ

**ପ୍ରଶ୍ନ–**ଜଣେ ସୁନ୍ଦରୀର ବାଙ୍କ ଚାହାଣିରେ ମୁଁ ଫସିଯାଇଛି। ହେଲେ ସେଦିନଠାରୁ ସେ ଆଉ ମୋତେ ଧରାଛୁଆଁ ଦେଉନାହିଁ। କ'ଣ କରିବି ?

*–ଅଭୟ ପ୍ରହରାଜ, କେନ୍ଦ୍ରାପଡ଼ା*

**ଉତ୍ତର:** ସବୁ ଚାହାଣିରେ ପ୍ରେମ ନ ଥାଏ। ହେଲେ ସେହି ଚାହାଣିରେ ଆପଣଙ୍କ ଏକୁଟିଆ ମନ କ୍ଲିନ୍ ବୋଲ୍ଡ ହୋଇଯାଇଛି। କିନ୍ତୁ ପ୍ରେମିକାର ଦେଖାନାହିଁ। ଅର୍ଥାତ୍, ବାଙ୍କ ଚାହାଣିରେ ଫସିଲା ମନ, ଅପେକ୍ଷାରେ ବିତିଯାଉଛି ଦିନ। ଏମିତି ବି ହୋଇପାରେ ଆପଣ ଏକ ମରୀଚିକା ପଛରେ ଧାଇଁଛନ୍ତି। କାରଣ ପ୍ରେମର ଅଙ୍କାବଙ୍କା ରାସ୍ତାରେ ପ୍ରେମିକାର ହାତ ଧରି ଚାଲିବା ଏତେ ସହଜ ନୁହେଁ। କେବଳ ଯେ ପ୍ରେମ କରୁଛି ବୋଲି କହିଦେଲେ ହେବ ନାହିଁ, ଠିକ୍ ତରିକାରେ ପ୍ରେମ କଲେ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚି ହୋଇଥାଏ। ଯଦି ସେ ପ୍ରେମରୁ କିଛି ସୁଫଳ ମିଳୁନାହିଁ ତେବେ ତା'ପଛରେ ଧାଇଁଲେ କେବଳ ଅନୁଶୋଚନା ହିଁ ସାର। ତେଣୁ ସମୟ ଅଛି ଚ୍ୟାନେଲ ବଦଳାଇ ଦିଅନ୍ତୁ।

**ପ୍ରଶ୍ନ–**ଜଣେ ସୁନ୍ଦରୀକୁ କେମିତି ମୋ ପ୍ରେମଜାଲରେ ଫସାଇବି ତାହାର ଉପାୟ ବତାଇବେ କି ?

*–ସୁମନ କୁମାର, ସମ୍ବଲପୁର*

**ଉତ୍ତର:** ପ୍ରଥମ କଥା ହେଲା, ଆଉ କାହା କଥାରେ ପଡ଼ି ପ୍ରେମ ଘୋଡ଼ା ଚଢ଼ିବା ଠିକ୍ ନୁହେଁ। ପ୍ରେମ ଠିକ୍ ଦୂର ପର୍ବତ ପରି ସୁନ୍ଦର। ହେଲେ ସଚ୍ଚା ପ୍ରେମ ପାଇବାକୁ ହେଲେ କଣ୍ଟକିତ ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଜଣେ ସୁନ୍ଦରୀକୁ କିପରି ପ୍ରେମ ଜାଲରେ ଫସାଇବେ ନିଜେ ଉପାୟ ଠିକ୍ କରନ୍ତୁ ନା ! ଜଣେ ଝିଅକୁ କେବଳ 'ଆଇ ଲଭ ୟୁ' କହିଲେ ପ୍ରେମ ହୋଇଯାଏନା। ମନରେ କୌଣସି ଆବିଳତା ନ ଥାଇ ପ୍ରେମ ନିବେଦନ କରନ୍ତୁ। ହେଲେ ଯାହାକୁ ପ୍ରେମ ନିବେଦନ କରିବେ ତାହାର ମାନସିକତାକୁ ଭଲ ଭାବରେ କ୍ଷୁଡି କରନ୍ତୁ। ନ ହେଲେ ସବୁ ଗଣିତ ଓଲଟପାଲଟ ହୋଇଯିବ। ବାସ୍, ସେହି ସୁନ୍ଦରୀ ମନକୁ ଭଲ ଭାବରେ ପଢ଼ି ପ୍ରପୋଜ କରନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗ୍‌ନାଲ ମିଳିଗଲା ତେବେ ଆଉ ଡେରି ନ କରି ଧାଡ଼ି ଦେଖି ମାଡ଼ି ଯାଆନ୍ତୁ।

**ପ୍ରଶ୍ନ–**ଥରେ ଜଣେ ଝିଅ ମୋତେ ଦେଖି ହସି ଦେଲା। ତା'ପରେ ଦୁହେଁ କିଛି ମାସ ପ୍ରେମ ନଈରେ ଉବୁଟୁବୁ ହେଲୁ। ହେଲେ ହଠାତ୍ ସେ ମୋତେ ଧୋକା ଦେଇ ଆଉ ଜଣକୁ ଭଲ ପାଉଛି। ଏବେ ମୁଁ କ'ଣ କରିବି ?

*–ଜଗା, ରାଉରକେଲା*

**ଉତ୍ତର:** ଏମିତି ବାରମାସୀ ପ୍ରେମିକାକୁ ଚୂନ ଲଗାଇ ଚିହ୍ନି ରଖନ୍ତୁ। କାରଣ ପ୍ରେମକୁ ଏମାନେ ଖେଳନା ଭାବି ପ୍ରେମ କରନ୍ତି। ହେଲେ ନିର୍ମଳ ହୃଦୟରେ ପ୍ରେମ କରିବା ପାଇଁ ନିଜର ଦମ୍ ଥିବା ଦରକାର। ଯଦି ସେହି ପ୍ରେମିକା ଆପଣଙ୍କୁ ଧୋକାଦେଇ ଆଉ କାହାକୁ ପ୍ରେମ କରୁଛି ଆଉ ତା' ପଛରେ ସତ୍ୟତା ଅଛି ବୋଲି ଅନୁଭବ କରୁଛନ୍ତି ତେବେ ସେହି ପ୍ରେମକୁ ଅଦିନିଆ ମେଘ ଭାବି ଭୁଲିଯାଆନ୍ତୁ। କାରଣ ପୁରୁଣା ପ୍ରେମକୁ ଯେତେ ମନେ ପକାଇବେ ଆପଣଙ୍କ ମନ ସେତେ ଆନ୍ଦୋଳିତ ହେବ। ପୁଣି ଥରେ ଏକ ନୂଆ ଇନିଂସ ଆରମ୍ଭ କଲେ କ୍ଷତି କ'ଣ ?

**ପ୍ରଶ୍ନ–**ମୁଁ ଜଣେ ଝିଅକୁ ମନ ପ୍ରାଣ ଦେଇ ଭଲ ପାଉଥିଲି। ମୋ ସାଙ୍ଗ କଥାରେ ପଡ଼ି ତା'ଠାରୁ ଦୂରେଇଗଲି। ଏବେ ଅନୁତାପ କରୁଛି। ମୋ ପ୍ରେମିକା ପାଖକୁ ଆଉ ଥରେ ଫେରିପାରିବି କି ?

*–ଦେବେନ୍ଦ୍ର ନାୟକ, ଅନୁଗୋଳ*

**ଉତ୍ତର:** ଫେରିଲେ କ୍ଷତି କ'ଣ କହୁନାହାନ୍ତି ? ହେଲେ ସେ ପ୍ରେମିକା ଆପଣଙ୍କୁ ପୁଣି ଥରେ ଗ୍ରହଣ କରିବ ତ ? କାରଣ କ'ଣ ପାଇଁ ତା' ପାଖରୁ ଦୂରେଇଗଲେ, ତାକୁ ଯଦି ଦୁହେଁ ଭୁଲିଯିବେ ତେବେ ପୁଣି ଥରେ ନୂଆ ପ୍ରେମ ଆରମ୍ଭ ହୋଇପାରେ। ସେଥିପାଇଁ ପୂର୍ବ କଥାକୁ ଦୁହେଁ ସମ୍ପୂର୍ଣ୍ଣ ଭାବରେ ଭୁଲିଯିବା ଦରକାର। ନ ହେଲେ ତାହା ନୂଆ ପ୍ରେମରେ ବାଧା ସୃଷ୍ଟି କରିପାରେ।



ସାଥୀ

## ପ୍ରଥମ ରୋଜଗାର



ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତଥା ସାହିତ୍ୟିକ **ଇଂ. ଉମାକାନ୍ତ ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମା ଟଙ୍କା ମା'ଙ୍କୁ ଦେଉଥିଲି

ବାଲେଶ୍ୱର ଜିଲା ସୋର ସବ୍‌ଡିଭିଜନ୍‌ର ଅନନ୍ତପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମୂଳକାୟଦା ଗାଁରେ ମୋ ଜନ୍ମ। ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟରୁ ୧୯୭୫ରେ ଏକାଦଶ ପାସ୍ କରି ଏଫ୍.ଏମ୍ କଲେଜରେ ଆଇ.ଏସ୍‌ସି. ପଢ଼ିଲି। ତା'ପରେ ଇଞ୍ଜିନିୟରିଂ ପାଇଁ ଏଣ୍ଟ୍ରାନ୍ସ ଦେଲି। ସେହିବର୍ଷ ହିଁ ପ୍ରଥମ କରି ଏଣ୍ଟ୍ରାନ୍ସ ଆରମ୍ଭ ହୋଇଥିଲା। କାରଣ ତା'ପୂର୍ବରୁ କେବଳ ମାର୍କ ବେସିସ୍‌ରେ ହିଁ ଆଡ୍‌ମିଶନ୍ ହେଉଥିଲା। ଏଣ୍ଟ୍ରାନ୍ସ ପାଇ ବୁର୍ଲା ଇଞ୍ଜିନିୟରିଂ କଲେଜରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଆଡ୍‌ମିଶନ୍ ନେଲି। ଯେଉଁଦିନ ଆଡ୍‌ମିଶନ୍ ନେଲି ତାହା ମୋ ପାଇଁ ଏକ ମନେରଖିବା ଭଳି ଦିନ ଥିଲା। କାରଣ ସେଦିନ ଥିଲା ୭। ୭। ୭୭ ଅର୍ଥାତ୍ ୭ ଜୁଲାଇ,୧୯୭୭। ଇଞ୍ଜିନିୟରିଂ ପଢ଼ା ପରେ ତାଳଚେର ଥର୍ମାଲ୍ ପାୱାର ଷ୍ଟେଶନ(ଟିଟିପିଏସ୍)ରେ ଅକ୍ଟୋବର ୨୩, ୧୯୮୨ରେ ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ଭାବେ ଚାକିରିରେ ଯୋଗଦେଲି। ତେଣୁ ମାସ ଶେଷକୁ ମାତ୍ର ୯ ଦିନର ଦରମା ବାବଦ ମୋତେ ୨୬୩ ଟଙ୍କା ୭୦ ପଇସା ମିଳିଲା। ମୁଁ ମାତ୍ର ୫ ବର୍ଷର ହୋଇଥିଲା ବେଳେ ବାପାଙ୍କର ଅକାଳ ବିୟୋଗ ହେଲା। ଚାରି ଭାଇ ଭିତରେ ସବା ସାନ ଥିଲି। ଘରର ଚଳଣି ବି ସେତେ ଭଲ ନ ଥିଲା। ପାଠ ଭଲ ପଢ଼ୁଥିବାରୁ ସ୍କଲାରଶିପ୍ ପାଉଥିଲି। ତେଣୁ ସେହି ସ୍କଲାରଶିପ୍ ଟଙ୍କା ଓ ଇଞ୍ଜିନିୟରିଂ ପଢ଼ାବେଳେ ଟ୍ୟୁଶନ୍ କରି ମୁଁ ମୋ ପଢ଼ାଖର୍ଚ୍ଚ ଉଠାଉଥିଲି। ସେଥିପାଇଁ ଯେବେ ଚାକିରି କରି ଦରମା ପାଇଲି ଘରକୁ ଟଙ୍କା ଦେବାକୁ ମନସ୍ଥ କଲି। ଯେହେତୁ କଲେଜ ବେଳୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଦୀକ୍ଷା ନେଇଥିଲି, ତେଣୁ ଦରମାରୁ ମାତ୍ର ୧୦ ଟଙ୍କା ଠାକୁରଙ୍କ ପ୍ରଣାମି ପାଇଁ ରଖି ବାକି ଟଙ୍କା ମା'ଙ୍କ ହାତରେ ଦେଇଦେଲି। ତେବେ ୧୯୯୬ ଯାଏଁ ଟିଟିପିଏସ୍‌ରେ କାମ କରିବା ପରେ ଓଡିଶା ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡର 'ଷ୍ଟେଟ ଲୋଡ୍ ଡେସ୍‌ପାଚ୍ ସେଣ୍ଟର(ଏସ୍‌ଏଲ୍‌ଡିସି)'କୁ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ ବଦଳି ହେଲା। ଏଠାରେ କାମ କରିବା ଭିତରେ ୨୦୦୩/୦୪ରେ ଓଡିଶା ପାୱାର ସିଷ୍ଟମ ସୁପରିଚାଳନା ଓ ସୁନିୟନ୍ତ୍ରଣ ପାଇଁ ଭାରତ ସରକାରଙ୍କ ତରଫରୁ ଫ୍ରାନ୍ସର ପ୍ୟାରିସ୍‌ଠାରେ ଅନ୍ୟମାନଙ୍କ ସହିତ ଟ୍ରେନିଂ ନେବା ଓ ବିଭିନ୍ନ ଦେଶ ବୁଲିବାର ସୁଯୋଗ ମୋତେ ମିଳିଥିଲା। ଏହି ବିଶେଷ ଉପଲବ୍ଧି ପରବର୍ତ୍ତୀ ଅବସ୍ଥାରେ ବିଦ୍ୟୁତ୍ ପରିଚାଳନା କ୍ଷେତ୍ରରେ ଅନେକ ସାହାଯ୍ୟ କରିଥିଲା। ପର୍ଯ୍ୟାୟ କ୍ରମେ ଏସ୍‌ଏଲ୍‌ଡିସିର ବିଭିନ୍ନ ଦାୟିତ୍ୱରେ ରହି ପରିଶେଷରେ ସିନିୟର୍ ଜେନେରାଲ୍ ମ୍ୟାନେଜର୍ (ମୁଖ୍ୟଯନ୍ତ୍ରୀ) ପଦବୀରେ ଥାଇ ସେପ୍ଟେମ୍ବର ୨୦୧୮ରେ ଚାକିରିରୁ ଅବସର ନେଲି। ସେହି ବର୍ଷ ଇଞ୍ଜିନିୟର୍ସ ଡେ'ରେ ମୋତେ ଏଭରଗ୍ରୀନ୍ ଫୋରମ୍ ତରଫରୁ ଜୟଦେବ ଭବନଠାରେ ଓଡିଶା ଟେକ୍ନୋକ୍ରାଟ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ତା'ଛଡ଼ା ଚାକିରି କାଳ ଭିତରେ ମୁଁ ଏମ୍‌ବିଏ ଓ ଏମ୍.ଟେକ୍ ପଢ଼ା ବି ସାରିଥିଲି। ଚାକିରି ଜୀବନ ବାଦ୍ ଲେଖାଲେଖିରେ ରୁଚି ରହିଛି। ସ୍କୁଲବେଳେ କବିତା ଲେଖିବା, ଗୀତ ଗାଇବା, ଡ୍ରାମାରେ ଅଭିନୟ କରିବା, ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ଅନେକ ପୁରସ୍କାର ପାଇଥିଲି। ଏପରି କି ଗାଁରେ ହେଉଥିବା ଡ୍ରାମାରେ ଅଭିନୟ ସହ କୋଅର୍ଡିନେଟ୍ କାମ ବି କରୁଥିଲି। ଏଫ୍.ଏମ୍ କଲେଜରେ ପଢ଼ିଲା ବେଳେ ପ୍ରଥମ କରି ମୋର ଏକ କବିତା 'କାଂସବାଂଶର ଧାରେ' କଲେଜ ମାଗାଜିନ୍‌ରେ ପ୍ରକାଶ ପାଇଥିଲା। ଆଉ ଯେବେ ବୁର୍ଲା ଇଞ୍ଜିନିୟରିଂ କଲେଜରେ ପଢ଼ିଲି, ଆମେ କେତେଜଣ ସାଙ୍ଗ ମିଶି ମରୁଜ୍ୟୋତ୍ସ୍ନା ନାମରେ ଏକ ହାତଲେଖା ହଷ୍ଟେଲ ମାଗାଜିନ୍ ବାହାରକଲୁ। ପରବର୍ତ୍ତୀ ସମୟରେ ମରୁଜ୍ୟୋତ୍ସ୍ନା କଲେଜର ୱାଲ ମାଗାଜିନ୍‌ର ପରିଚୟ ପାଇଲା, ଯାହା ଆମ ପାଇଁ ଖୁସିର କଥା ଥିଲା। ଏହା ସହିତ ତୃତୀୟ ବର୍ଷ ଇଞ୍ଜିନିୟରିଂ ପଢ଼ା ସମୟରେ ମୁଁ ସାହିତ୍ୟ ସଂସଦର ସମ୍ପାଦକ ଭାବେ ନିର୍ବାଚିତ ହେଲି ଏବଂ କଲେଜ ମାଗାଜିନ୍ ପ୍ରକାଶନର ଦାୟିତ୍ୱ ପାଇଲି। ସେତେବେଳେ ମୁଁ କେବଳ କଲେଜ ମାଗାଜିନ୍ କଥା ବୁଝୁଥିଲି ତାହା ନୁହେଁ, ଇଣ୍ଟର କଲେଜ ଡିବେଟ୍ କମ୍ପିଟିଶନ୍‌ରେ ଅନେକ ଥର ଆମ କଲେଜକୁ ରିପ୍ରେଜେଣ୍ଟ ବି କରିଥିଲି। ଚାକିରି ସମୟରେ ବି ଲେଖାଲେଖି କରୁଥିଲି। ତା'ସହିତ ଅତିଥି ଅଧ୍ୟାପକ ଭାବେ ବିଭିନ୍ନ ଇଞ୍ଜିନିୟରିଂ କଲେଜକୁ ଯାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦେବା ଏବଂ କୁଇ ମେଷ୍ଟର ଭାବେ ଆମନ୍ତ୍ରିତ ହୋଇଯିବା କାର୍ଯ୍ୟ ବି ସେତେବେଳେ ଚାଲିଥିଲା। ଆଉ ଅବସର ନେବା ପରେ ବି ଲେଖାଲେଖି, ଶିକ୍ଷାଦାନ ତଥା ସତ୍‌ସଙ୍ଗ କାମରେ ମୋର ସମୟ ବିତୁଛି।



# ତବଲା ତାଳରେ ବନ୍ଧା ଜୀବନ

**କୁନି ପିଲାଟିର ମନ ରହିଯାଉଥିଲା ସ୍ୱର, ଲୟ, ତାଳର ଦୁନିଆରେ। ଏସବୁ ଦେଖି ଦିନେ ତାଙ୍କ ବାପା ନିଷ୍ପତ୍ତି ନେଲେ ତାଙ୍କୁ ତବଲା ଶିଖେଇବେ। ଆଉ ପିଲାଟି ହାତରେ ବାପା ଧରେଇଦେଲେ ତବଲା। ପିଲାଟି ହଜିଗଲା ତବଲାର ଦୁନିଆରେ। ଏବେ ସେ ଜଣେ ବିଶିଷ୍ଟ ତବଲା ବାଦକ। ସେ ହେଉଛନ୍ତି ବାସୁଦେବ ସ୍ୱାଇଁ...**

କଅଁଳ ବୟସ ଥିଲା। ହେଲେ କୁନି କୁନି ହାତ ଖୋଜୁ ନ ଥିଲା ଖେଳଣା। ଡବା, ଗିନା, ଟାଟିଆ ଯାହାବି ପାଉଥିଲେ ବାଜା କରି ବଜାଇ ପକାଉଥିଲେ। ଦିନ ତମାମ ତାଙ୍କ ପାଇଁ ଘର ଢଣ୍ ଢାଣ, ଝଣ ଝାଣ୍ ଶବ୍ଦରେ ପୂରିଉଠୁଥିଲା। ଆଉ ଗାଁରେ କୀର୍ତ୍ତନ ହେଲା ମାନେ ତ ଦେଖା ମିଳୁ ନ ଥିଲା ତାଙ୍କର। ରାତି ସାରା ଦେଖିବାକୁ ବସି ରହୁଥିଲେ। ସରିବା ପରେ କଳାକାରଙ୍କ ବାଜାକୁ ସୁଯୋଗ ଦେଖି ବଜାଇ ପକାଉଥିଲେ। ଆଉ ଗାଳି ବି ଶୁଣୁଥିଲେ। ଏଣେ ରାତି ଅଧିକ ହେବା ପରେ ବି ଘରକୁ ନ ଫେରିଲେ ମା' ଅନେକ ସମୟରେ କାନ ମୋଡ଼ି ଗାଳିମାଡ଼ ଦେଇ ଟାଣି ଟାଣି ଘରକୁ ନେଇଯାଉଥିଲେ। ହେଲେ ସେଇ କୁନି ପିଲାଟିର ମନ ରହିଯାଉଥିଲା ସ୍ୱର, ଲୟ, ତାଳର ଦୁନିଆରେ। ଏସବୁ ଦେଖି ଦିନେ ତାଙ୍କ ବାପା ନିଷ୍ପତ୍ତି ନେଲେ ତାଙ୍କୁ ତବଲା ଶିଖେଇବେ। ଆଉ ପିଲାଟି ହାତରେ ବାପା ଧରେଇଦେଲେ ତବଲା। ପିଲାଟି ହଜିଗଲା ତବଲାର ଦୁନିଆରେ। ଏବେ ସେ ଜଣେ ବିଶିଷ୍ଟ ତବଲା ବାଦକ। ସେ ହେଉଛନ୍ତି ବାସୁଦେବ ସ୍ୱାଇଁ, ଯେ କି ଭାରତ ସରକାରଙ୍କ ଆଇସିସିଆର୍(ଇଣ୍ଡିଆନ୍ କାଉନ୍‌ସିଲ ଫର୍ କଲ୍‌ଚୁରାଲ୍ ରିଲେସନ୍‌ସ)ଦ୍ୱାରା ଚୟନ ହୋଇ ଟିଚର କମ୍ ପରଫର୍ମର୍ ଭାବେ ମାଳଦ୍ୱୀପ ଯିବା ଓ ସେଠାରେ ବିଦେଶୀ ଛାତ୍ରଙ୍କୁ ତବଲା ଶିଖାଇଥିଲେ। ସେ ପ୍ରଥମ ଓଡ଼ିଆ ତବଲା ବାଦକ ଭାବେ ଏହି ସୁଯୋଗ ପାଇଥିଲେ।

**ପ୍ରାରମ୍ଭିକ ଜୀବନ–**ବାସୁଦେବ ସ୍ୱାଇଁଙ୍କ ଘର ପଚ୍ଚାମୁଣ୍ଡାଇ, ଦୋସିଆ ଗାଁରେ। ବାପା ଚକ୍ରଧର ସ୍ୱାଇଁ ଚାଷବାସ କଥା ବୁଝନ୍ତି। ମା' ସତ୍ୟଭାମା ଗୃହିଣୀ। ପିଲାଟି ବେଳରୁ ତାଙ୍କର ବାଜା ବଜାଇବାର ଆଗ୍ରହ ଥିଲା। ଏହା ଦେଖି ତାଙ୍କ ବାପା ସେ ପଢୁଥିବା ସ୍କୁଲର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁଙ୍କୁ ଜଣାଇଥିଲେ, ଯେ କି ଜଣେ ତବଲା ବାଦକ। ସେ କହିଲେ, ମୁଁ ତାକୁ ତବଲା ଶିଖେଇବି। ଆଉ ମାତ୍ର ୫/୬ ବର୍ଷ ବୟସରୁ ଆରମ୍ଭ ହେଲା ତବଲା ଶିକ୍ଷା। ପାଖାପାଖି ୩ ବର୍ଷ ତାଙ୍କ ପାଖରେ ଶିଖିବା ପରେ ସେ ବାସୁଦେବଙ୍କ ବାପାଙ୍କୁ କଟକ କଳାବିକାଶ କେନ୍ଦ୍ରରେ ତବଲା ଶିଖାଇବାକୁ ପରାମର୍ଶ ଦେଲେ। ସେଇଆ ହିଁ ହେଲା। ବାସୁଦେବ କହନ୍ତି,''୮ ବର୍ଷ ବୟସ ବେଳକୁ ବାପା ମତେ ସପ୍ତାହକୁ ଥରେ ଗାଁର କାଦୁଅ ଓ ଖାଲଢିପ ରାସ୍ତାରେ କାନ୍ଧରେ ବସାଇ ଅବା ସାଇକେଲରେ ବହୁତ କଷ୍ଟରେ ବସ୍‌ଷ୍ଟାଣ୍ଡ ଯାଏଁ ଆଣୁଥିଲେ। ତା'ପରେ ବସ୍‌ରେ ଯାଉଥିଲୁ କଟକ। ସରିଲା ପରେ ପୁଣି ବସ୍‌ରେ ଆସି ଘର ପର୍ଯ୍ୟନ୍ତ ପୁଣିଥରେ କାନ୍ଧେଇ କାନ୍ଧେଇ ନେଉଥିଲେ। ସେତେବେଳେ ମୋର ତବଲା ଶିକ୍ଷକ ଥିଲେ କଟକ ରେଡିଓ ଷ୍ଟେଶନର ଷ୍ଟାଫ୍ ଆର୍ଟିଷ୍ଟ ପଣ୍ଡିତ ଗୋପୀନାଥ ବେହେରା। ମାଟ୍ରିକ୍ ପଢ଼ିବାବେଳକୁ ମୁଁ ଏକୁଟିଆ କଟକ ଯିବା ଆସିବା କଲି। ୧୯୯୩-୯୪ରେ ପଚ୍ଚାମୁଣ୍ଡାଇ କଲେଜରେ ପଢ଼ିବାବେଳେ ଏନ୍‌ସିସି ତରଫରୁ ଚୟନ ହୋଇ ଦିଲ୍ଲୀ ଯାଇଥିଲି। ସେଠାରେ ତବଲା ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇଥିଲି। ତତ୍କାଳୀନ ରାଷ୍ଟ୍ରପତି ଡ. ଶଙ୍କର ଦୟାଳ ଶର୍ମା ଓ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଓ ତାଙ୍କ ସହ ବ୍ୟକ୍ତିଗତଭାବେ ମିଶିବାର ସୁଯୋଗ ପାଇଥିଲି, ଯାହା ମୋ ପାଇଁ ଅଭୁଲା ହୋଇ ରହିଯାଇଛି। ପାଠପଢ଼ ବି ଚାଲିଥିଲା। ରାଜନୀତି ବିଜ୍ଞାନ ଓ ସଙ୍ଗୀତରେ ଏମ୍.ଏ. କଲି। ତବଲା ବ୍ୟତୀତ କ୍ରିକେଟ ଭଲ ଖେଳୁଥିଲି। ତେଣୁ କ୍ରିକେଟର ହେବାକୁ ବି ଇଚ୍ଛା ଥିଲା। କିନ୍ତୁ ସୁଯୋଗ ଅଭାବରୁ ହୋଇପାରିଲିନି। ପୋଲିସ ଚାକିରି ପାଇଁ ବି ଚେଷ୍ଟା କରିଥିଲି। ହେଲେ ହୋଇପାରିଲିନି। ଶେଷରେ ନିଜ କଳାକୁ ନେଇ ବଞ୍ଚିବାକୁ ଚେଷ୍ଟା କଲି। ଆଉ ଭୁବନେଶ୍ୱର ଚାଲି ଆସିଲି।''

**ସଂଘର୍ଷ ଓ ସଫଳତା–** ଭୁବନେଶ୍ୱରରେ ରହିବା ପରଠାରୁ ଆରମ୍ଭ ହେଲା ତାଙ୍କର ସଂଘର୍ଷ। ବାସୁଦେବ କହନ୍ତି,''ଏକ ଛୋଟିଆ ଆଜବେଷ୍ଟ ଘର ଭଡ଼ା ନେଇ ରହିଲି। ଛୋଟ ପିଲାଙ୍କୁ ତବଲା ଶିଖାଇବା ଆରମ୍ଭ କଲି। କାହା କାହା ଘରକୁ ସାଇକେଲରେ ଯାଇ ବି ଶିଖାଉଥିଲି। ତା'ସହ ନିଜେ ବି ତବଲା ଶିକ୍ଷା ଓ ସାଧନା ଚାଲୁ ରଖିଥିଲି। ତେବେ ଦୁଃଖର ବିଷୟ ଏହି ସମୟରେ ମୋ ଯିବା ଆସିବାର ଏକମାତ୍ର ଭରସା ସାଇକେଲ ବି ଚୋରି ହୋଇଯାଇଥିଲା। ଆଉ ମତେ ଚାଲି ଚାଲି ପିଲାଙ୍କ ଘରକୁ ଯିବାକୁ ପଡୁଥିଲା। ଏହା ଦେଖି ଜଣେ ଛାତ୍ରଙ୍କ ମା' ଦୟାକରି ମତେ ସାଇକେଲ କିଣିବା ପାଇଁ ଟଙ୍କା ଦେଇଥିଲେ। ପିଲାଙ୍କ ପରୀକ୍ଷା ସମୟରେ ତବଲା ଶିକ୍ଷା ବନ୍ଦ ହେଉଥିବାରୁ ରୋଜଗାର ବନ୍ଦ ହୋଇଯାଉଥିଲା। ଫଳରେ ଆର୍ଥିକ ଅବସ୍ଥା ବିଗିଡ଼ିଯାଉଥିଲା। ଏମିତିରେ ବହୁତ କଷ୍ଟ ହେଉଥିଲା ଚଳିବାକୁ। ଦୀର୍ଘ ୧୦ ବର୍ଷ ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥିଲା। ଏହା ମଧ୍ୟରେ ଅଲ୍ ଇଣ୍ଡିଆ ରେଡିଓରେ ଅଡିସନ୍ ଦେଇ କାଜୁଆଲ ଆର୍ଟିଷ୍ଟ ହୋଇଗଲି। ଆପ୍ରୁଭ୍‌ଡ ଟେଲିଭିଜନ ଆର୍ଟିଷ୍ଟ ବି ହେଲି। ୨୦୦୭ରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ତବଲା ଶିକ୍ଷକଭାବେ ନିଯୁକ୍ତି ପାଇଲି। ଏସବୁ ଭିତରେ ବି ଭାରତର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରୁଥିଲି। ପଦ୍ମଶ୍ରୀ ପ୍ରଫୁଲ୍ଲ କର, ପଣ୍ଡିତ ଦାମୋଦର ହୋତା, ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ, ପଣ୍ଡିତ ଗୋପାଳ ପଣ୍ଡା,ସଙ୍ଗୀତା ପଣ୍ଡା, ସଙ୍ଗୀତା ଗୋସାଇଁ,ଅର୍ଜୁନ ସାମଲ, ଭିକାରୀ ବଳ, ସୁବାସ ଦାସ, ଲତା ଘୋଷଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସହ କାମ କରିବାର ସୁଯୋଗ ପାଇଲି। ୨୦୧୪ରେ ଅଲ୍ ଇଣ୍ଡିଆ ତବଲା ପ୍ରତିଯୋଗିତାରେ ଦଶମ ସ୍ଥାନ ଅଧିକାର କରିଥିଲି। ତେବେ ମୋ ଜୀବନର ସବୁଠୁ ବଡ଼ ସଫଳତା ୨୦୧୫ରେ ପାଇଲି, ଯେବେ ଆଇସିସିଆର୍ ତରଫରୁ ପ୍ରଥମ ଓଡ଼ିଆ ତବଲା ବାଦକ ଭାବେ ଚୟନ ହୋଇ ମାଳଦ୍ୱୀପକୁ ଟିଚର କମ୍ ପରଫରମର୍ ଭାବେ ଯିବାର ସୁଯୋଗ ପାଇଲି। ପରିବାରର ସମସ୍ତେ ଏଥିରେ ଖୁସି ହୋଇଯାଇଥିଲେ। ସ୍ତ୍ରୀ ଓ ପିଲାଙ୍କୁ ନେଇ ପ୍ରଥମ ଥର ପାଇଁ ବିଦେଶ ଯାଇଥିଲି। ଦୀର୍ଘ ଦୁଇ ବର୍ଷ ରହି ବିଦେଶ ଛାତ୍ରୀଛାତ୍ରଙ୍କୁ ତବଲା ଶିଖାଇଲି। ତା'ସହ ବିଭିନ୍ନ କାର୍ଯ୍ୟକ୍ରମ ବି କରୁଥିଲି। ଏମିତି କି ମାଳଦ୍ୱୀପରେ ଥିବାବେଳେ ଶ୍ରୀଲଙ୍କା, ୟୁରୋପର ବିଭିନ୍ନ ସ୍ଥାନରେ ବି କାର୍ଯ୍ୟକ୍ରମ କରିଛି। ମାଳଦ୍ୱୀପରେ ପ୍ରାୟ ୩୬ଜଣ ଛାତ୍ରୀଛାତ୍ରଙ୍କୁ ତବଲା ଶିଖାଉଥିଲି। ସେମାନେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ବହୁତ ଭଲ ପାଆନ୍ତି। ତବଲାର ବି ସେଠାରେ ରହିଛି ବେଶ୍ ଆଦର। ସେହି ସମୟରେ ଭାରତ-ମାଳଦ୍ୱୀପ ଫ୍ରେଣ୍ଡଶିପ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲି। ସେତେବେଳେ ସେଠାକାର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ସହ ରାଷ୍ଟ୍ରପତି ଭବନରେ ଦେଖା କରିବାର ସୁଯୋଗ ପାଇଥିଲି। ଏହି ଦିନଟି ଥିଲା ମୋ ପାଇଁ ବହୁତ ଖାସ୍। ସାଧାରଣ ପରିବାରର ପିଲା ହୋଇ ଏତେ ବଡ଼ ସୁଯୋଗ ପାଇଥିବାରୁ ଝରି ଆସିଥିଲା ଲୁହ। ତେବେ ଏତେସବୁ ସଫଳତା ଭିତରେ ରହିଯାଇଥିଲା ଏକ ଦୁଃଖ। ଯେଉଁ ବାପା ଅନେକ କଷ୍ଟକରି ମତେ ତବଲାବାଦକ କରାଇଥିଲେ, ମାଳଦ୍ୱୀପ ଯିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଫଳରେ ସେ ଦେଖିପାରି ନ ଥିଲେ ତାଙ୍କ ପୁଅର ସଫଳତା।''

**ପିଲାଙ୍କୁ ଶିଖାଇ ମିଳୁଛି ଖୁସି–** ତେବେ ଦୁଃଖର ବିଷୟ ବିଦେଶ ମାଟିରେ ଶାସ୍ତ୍ରୀୟ ସଙ୍ଗୀତ ତଥା ତବଲାର ପ୍ରଚାର ପ୍ରସାର କରି ଫେରିବା ପରେ ବି ବାସୁଦେବଙ୍କୁ ମିଳିଲାନି ନିଜ ମାଟିରେ ଉପଯୁକ୍ତ ସମ୍ମାନ। କାମ ପାଇବା ପାଇଁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଲା। ବର୍ତ୍ତମାନ ବାସୁଦେବ ଭୁବନେଶ୍ୱରସ୍ଥ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ତବଲା ଶିକ୍ଷକ ଭାବେ କାର୍ଯ୍ୟରତ। ଛୋଟ ପିଲାଙ୍କୁ ତବଲାର ତାଳ ଶିଖାଇ ପାଉଛନ୍ତି ଆତ୍ମସନ୍ତୋଷ। ତେବେ ଜୀବନରେ ପାଇଥିବା ସଫଳତାର ଶ୍ରେୟ ସେ ନିଜର ଗୁରୁ, ବାପା ଓ ବଡ଼ଭାଇଙ୍କୁ ଦିଅନ୍ତି। ତାଙ୍କ ମତରେ କଳାକାରଙ୍କ ଜୀବନ କଷ୍ଟକର। କିନ୍ତୁ ମଞ୍ଚ ଉପରେ କଳା ପରିବେଷଣ କରି ଦର୍ଶକଙ୍କ କରତାଳି ପାଇଗଲେ ସବୁ କଷ୍ଟ ଉଭେଇଯାଏ।

**– ଶିବାନୀ**





## ତୈଳ ସ୍ନାନ ଚିକିତ୍ସା

ଶରୀର ଅସୁସ୍ଥ ଥିଲେ କିଏ କେତେପ୍ରକାର ଉପାୟ ଆପଣାନ୍ତି ସୁସ୍ଥ ହେବା ପାଇଁ। ଆଜିକାଲି ବିଭିନ୍ନ ପ୍ରକାରର ଅଜବ ଚିକିତ୍ସା ପଦ୍ଧତି ବି ଆସିଲାଣି। ସେମିତି ଏକ ଅଜବ ଚିକିତ୍ସା ଆଜାରବୈଜାନର ସହର ନଫତଲାନ୍‌ରେ ହେଉଛି। ଏଠାରେ ଏକ ଅଜବ ହେଲ୍‌ଥ ସେଣ୍ଟର ଅଛି, ଯେଉଁଠି ଲୋକଙ୍କ ଚିକିତ୍ସା ଅଶୋଧିତ ତୈଳରେ କରାଯାଇଥାଏ। ଖାସ୍‌କରି ଚର୍ମ ରୋଗ, ଆର୍ଥରାଇଟିସ୍ ଓ ନିଶା ନିବାରଣ ପାଇଁ ଏଠାରେ ଚିକିତ୍ସା କରାଯାଏ। ସେପୁଣି ଆଶୋଧିତ ତୈଳରେ ସ୍ନାନ କରାଇ। ଏଭଳି ଚିକିତ୍ସା ପଛରେ ଏକ କିମ୍ବଦନ୍ତୀ ରହିଛି। କୁହାଯାଏ ଷଷ୍ଠ ଶତାବ୍ଦୀରେ ଏଠାକୁ କିଛି ବ୍ୟବସାୟୀ ଆସିଥିଲେ। ସେମାନଙ୍କର ଏକ ଓଟ ଅସୁସ୍ଥ ହେବାରୁ ତାକୁ ଏକ କାଦୁଅ ଭରା ହ୍ରଦରେ ଛାଡି ଦେଇ ଚାଲିଗଲେ। ହେଲେ ସେହି ବାଟ ଦେଇ ଫେରିବାବେଳେ ଦେଖିଲେ ସେହି ଓଟ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଇଥିଲା। ତେବେ ସେହି ହ୍ରଦରେ କାଦୁଅ ନୁହେଁ ବରଂ ଅଶୋଧିତ ତୈଳ ଥିଲା। ତା'ପରଠାରୁ ଉକ୍ତ ହ୍ରଦରେ ଲୋକେ ସ୍ନାନ କରି ସୁସ୍ଥ ହେବା ପାଇଁ ଭିଡ ଜମାଇଲେ। ଆଉ ଏହା ଏକ ଚିକିତ୍ସା ପାଲଟିଗଲା। ତେବେ ଏହି ତେଲରେ ଅନେକ ପ୍ରକାରର ରାସାୟନିକ ପଦାର୍ଥ ଥାଏ। ସେଥିପାଇଁ ରୋଗୀ ଅଧିକ ସମୟ ସ୍ନାନ କଲେ ମୃତ୍ୟୁ ହେବାର ଆଶଙ୍କା ଥାଏ। ଉକ୍ତ ହେଲ୍‌ଥ ସେଣ୍ଟର ମୁତାବକ ଏହି ସ୍ନାନର ୧୦ ଦିନିଆ କୋର୍ସ ରହିଛି। ଆଉ ପ୍ରତିଦିନ ରୋଗୀଙ୍କୁ ୧୦ ମିନିଟରୁ ଅଧିକ ସମୟ ସ୍ନାନ କରିବାକୁ ଦିଆଯାଇ ନ ଥାଏ। ତା'ସହ ସବୁପ୍ରକାରର ସାବଧାନତା ବି ଅବଲମ୍ବନ କରାଯାଏ।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଚନ୍ଦନ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ**

## ହାଃ ହାଃ

### କଳା

ରାତିରେ ଡେରିରେ ଘରକୁ ଆସିବାରୁ ମା’ ଝିଅକୁ- କୁଆଡେ ଯାଇଥିଲୁ ? କୋଉଠି ଥିଲୁ ?
ଝିଅ- ବୟଫ୍ରେଣ୍ଡ ସାଙ୍ଗରେ ଥିଲି।
ମା’ ରାଗିକି- ଦିନେ ତୁ ନିଜ ମୁହଁ ସହ ଆମ ସମସ୍ତଙ୍କର ମୁହଁ କଳା କରିଦେବୁ।
ଝିଅ- ଚିନ୍ତା କାହିଁକି କରୁଛ ? ଫେୟାର୍ ଆଣ୍ଡ ଲଭ୍ଲି ତ ଅଛି। ପୁଣି ଗୋରା ହେଇଯିବାନି।

### ସୁନ୍ଦରୀ

ମଣ୍ଟୁ ରାଜେଶକୁ- ତୋ ମତରେ ସୁନ୍ଦରୀର ସଂଜ୍ଞା କ’ଣ ।
ରାଜେଶ- ଆଧାର କାର୍ଡରେ ବି ଯିଏ ସୁନ୍ଦର ଦେଖାଯାଏ, ସେ ହେଉଛି ପ୍ରକୃତ ସୁନ୍ଦରୀ।

### ଆଉ ଜଣେ

ଜଣେ ଅଟୋବାଲାଙ୍କ ବିବାହ ହେଉଥାଏ। କନିଆ ବେଦୀକୁ ଆସି ପାଖରେ ବସିବାବେଳେ ଅଟୋବାଲା- ଆଉ ଟିକେ ପାଖକୁ ବସ। ଆଉ ଜଣେ ଆଡଜଷ୍ଟ ହୋଇ ବସି ପାରିବେ।
କନିଆ ଦେଲେ ଏକ ଚାପୁଡା...। ବରଙ୍କ ମନେ ପଡିଗଲା ସେ ଅଟୋରେ ନୁହେଁ ବେଦୀରେ ବସିଛନ୍ତି।

# ପହ୍ନାଲା ଦୁର୍ଗ

**ମହାରାଷ୍ଟ୍ରର ଏକ ପ୍ରାଚୀନ ଦୁର୍ଗ ଭାବେ ପହ୍ନାଲା ପରିଚିତ। ଇତିହାସର ଅନେକ ସ୍ମୃତିକୁ ଏହା ନିଜ ଭିତରେ ସାଇତି ରଖିଛି। ତେଣୁ କେହି କେହି ଏହାକୁ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ ବି କହିଥାନ୍ତି...**



ମହାରାଷ୍ଟ୍ରର କୋହ୍ଲାପୁର ହେଉଛି ଏକ ସୁନ୍ଦର ସହର, ଯାହା ନିଜର ପ୍ରାକୃତିକ, ସାଂସ୍କୃତିକ ତଥା ଐତିହାସିକ ମହତ୍ତ୍ୱ ପାଇଁ ବେଶ୍ ଜଣାଶୁଣା। ବ୍ୟବସାୟ କ୍ଷେତ୍ରରେ ବି ବେଶ୍ ନାଁ ରହିଛି ଏହି ସ୍ଥାନର। ଖାସ୍‌କରି ଏଠାରେ ତିଆରି ହେଉଥିବା କୋହ୍ଲାପୁରୀ ଚପଲର ଭଲ ଚାହିଦା ରହିଛି ଦେଶ ବିଦେଶରେ। ପର୍ଯ୍ୟଟନ ଦୃଷ୍ଟିକୋଣରୁ ବି ଏହା କୌଣସି ଗୁଣରେ କମ୍ ନୁହେଁ। ଦେଖିବା ପାଇଁ ଏଠାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଥିଲେ ହେଁ, ସ୍ଥାନୀୟ ପହ୍ନାଲା ଦୁର୍ଗର କଥା ହିଁ କିଛି ଖାସ୍।

### ଦୁର୍ଗ ସମ୍ପର୍କରେ


ପହ୍ନାଲା ଦୁର୍ଗ କୋହ୍ଲାପୁରର ଏକ ପ୍ରାଚୀନ ଦୁର୍ଗ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ୧୧୭୮ରୁ ୧୨୦୯ ଖ୍ରୀଷ୍ଟାବ୍ଦ ମଧ୍ୟରେ କିଛି ଖାସ୍ ରଣନୀତି ପାଇଁ ଏହି ଦୁର୍ଗଟିର ନିର୍ମାଣ ହୋଇଥିଲା। କୁହାଯାଏ, ଏହି ସମୟରେ କୋହ୍ଲାପୁରରେ ଶିଳାହାର ଶାସକ ଦ୍ୱିତୀୟ ଭୋଜଙ୍କ ରାଜତ୍ୱ ଚାଲିଥିଲା। ତାଙ୍କ ଶାସନ କାଳରେ ୧୫ଟି ଖାସ୍ ଦୁର୍ଗ ନିର୍ମିତ ହୋଇଥିଲା। ଆଉ ସେହି ଦୁର୍ଗଗୁଡ଼ିକ ମଧ୍ୟରୁ ପହ୍ନାଲା ଦୁର୍ଗ ହେଉଛି ଗୋଟିଏ। ଦ୍ୱିତୀୟ ଭୋଜଙ୍କ ପରେ ଏହି ଦୁର୍ଗଟି ଅନ୍ୟ କେତେକ ସାମ୍ରାଜ୍ୟର ଅଧୀନରେ ରହି ଶେଷରେ ୧୬୫୯ ଖ୍ରୀଷ୍ଟାବ୍ଦରେ ଶିବାଜୀ ମହାରାଜାଙ୍କ ଅଧୀନକୁ ଆସିଥିଲା। ଆଉ ଶିବାଜୀଙ୍କ ମୃତ୍ୟୁ ପରେ ପର୍ଯ୍ୟାୟକ୍ରମେ ପୁନର୍ବାର ଏହି ଦୁର୍ଗ କୋହ୍ଲାପୁର ରାଜାମାନଙ୍କ ଶାସନ ଅଧୀନକୁ ଚାଲିଯାଇଥିଲା।

### ଐତିହାସିକ ସ୍ଥାନ

ଅତୀତର ଅନେକ ସ୍ମୃତିକୁ ଏବେ ବି ଏହି ଦୁର୍ଗ ନିଜ ଭିତରେ ସାଇତି ରଖିଛି। ତେଣୁ ଇତିହାସରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ଏହା ଏକ ଖାସ୍ ସ୍ଥାନ କହିଲେ ଭୁଲ୍ ହେବ ନାହିଁ। ଦୁର୍ଗଟିର କାରୁକାର୍ଯ୍ୟ ଅତ୍ୟନ୍ତ ମନୋରମ। ଏହା ମଧ୍ୟରେ ପର୍ଯ୍ୟଟକ ଅନ୍ଧର ବଭାଡ଼ି (ଏକ ଗୁପ୍ତ କୂପ), ଅମ୍ବରଖାନା, ଧରମକୋଠି, ସଜ୍ଜା କୋଠି, ତିନ୍ ଦରୱାଜା, ୱାଘ ଦରୱାଜା ଇତ୍ୟାଦି ସ୍ଥାନ ଦେଖିପାରିବେ। ତା'ଛଡ଼ା ଉକ୍ତ ଦୁର୍ଗଟି ପାହାଡ଼ ଉପରେ ନିର୍ମିତ ହୋଇଥିବାରୁ ଏଠାରେ ଟ୍ରେକିଂ ଓ ହାଇକିଂ ପାଇଁ ବି ବ୍ୟବସ୍ଥା ରହିଛି। ସେହିପରି ଫଟୋଗ୍ରାଫି ପାଇଁ ବି ଅନେକ ସୁନ୍ଦର ସୁନ୍ଦର ସ୍ଥାନ ଏଠାରେ ଅଛି।


### କେବେ ଯିବେ


ଖରାଦିନେ ଏଠାରେ ବହୁ ଗରମ ଅନୁଭବ ହୋଇଥାଏ। ତେଣୁ ଏଠାକୁ ଆସିବା ପାଇଁ ଅକ୍ଟୋବରରୁ ଫେବୃୟାରୀ ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବେଶ୍ ଅନୁକୂଳ ରହିଥାଏ ; ଯଦ୍ଵାରା ପହ୍ନାଲା ଦୁର୍ଗ ଏବଂ ଏହାର ଆଖାପାଖ ଅଞ୍ଚଳ ବୁଲିବାରେ କୌଣସି ଅସୁବିଧା ହୁଏ ନାହିଁ।



### କେମିତି ଯିବେ

କୋହ୍ଲାପୁରଠାରୁ ପ୍ରାୟ ୨୦ କି.ମି. ଦୂରରେ ଏହା ଅବସ୍ଥିତ। ତେଣୁ ଏଠାକୁ ଯିବା ପାଇଁ ଗମନାଗମନର ସବୁ ସୁବିଧା ଉପଲବ୍ଧ। କୋହ୍ଲାପୁର ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯେଉଁଠାରୁ ଟ୍ୟାକ୍ସି ସାହାଯ୍ୟରେ ସୁବିଧାରେ ଯାଇ ଦୁର୍ଗ ନିକଟରେ ପହଞ୍ଚିହେବ। ସେହିପରି ଏହାର ନିକଟବର୍ତ୍ତୀ ରେଳଷ୍ଟେଶନ ବି ହେଉଛି କୋହ୍ଲାପୁର।









# ଶିଶୁଙ୍କୁ ଅଣ୍ଡା ମାଲିସ୍

ଶିଶୁଙ୍କର ମାଂସପେଶୀ ଓ ହାଡ଼ ଶକ୍ତ ହେବା ଲାଗି ସାଧାରଣତଃ ସେମାନଙ୍କୁ ତେଲରେ ମାଲିସ୍ କରାଯାଇଥାଏ। ବହୁ ପୂର୍ବରୁ ଏହା ଚାଲିଆସୁଛି। ଘରେ ଜେଜେମା'ମାନେ ନାତି ନାତୁଣୀଙ୍କୁ ଭଲଭାବେ ତେଲରେ ମାଲିସ୍ କରନ୍ତି। ଯଦିଓ ଆଜିକାଲି ଡାକ୍ତର ଏହା କରିବାକୁ ମନା କରୁଛନ୍ତି। ତେବେ ଅଣ୍ଡା ମାଲିସ୍ କଥା କେବେ ଶୁଣିଛନ୍ତି କି? ଚାଇନାରେ ଛୋଟ ପିଲାଙ୍କୁ ସିଝାଅଣ୍ଡାରେ ମାଲିସ୍ କରାଯାଏ, ତାହା ପୁଣି ପିଲାଙ୍କର ଚୁଟି କଟାହେବା ପରେ। ଦ୍ୱିତୀୟ ଚାନ୍ଦମାସର ଦ୍ୱିତୀୟ ଦିନରେ ଯଦି ପିଲାଙ୍କର କେଶ କଟାଯାଇଥାଏ, ତେବେ ପିଲାଙ୍କ ମୁଣ୍ଡକୁ ସିଝାଅଣ୍ଡାରେ ମାଲିସ୍ କରିବାର ପ୍ରଥା ଚାଇନାରେ ରହିଛି। ଏହାର କାରଣ କ'ଣ ଜଣାନାହିଁ। କିନ୍ତୁ ଏହି ପ୍ରଥା ଚାଲିଆସୁଛି।

## କାର୍ଟୁନ କର୍ଣ୍ଣର



# ‘ଅଭ୍ୟାସରେ ପଡ଼ିଗଲାଣି ଟ୍ରାଜେଡି’

କେବେ ଦିନେ ସେ ଘରୁ ଲୁଚି ଚାଲି ଆସିଥିଲେ। ଉଦ୍ଦେଶ୍ୟ ଥିଲା, କିଛିଦିନ ଏକା ରହିବେ। ମନକୁ ଟିକିଏ ଶାନ୍ତି ମିଳିବ। ହେଲେ ଥରୁଟେ ଏକଥା ଭାବି ନ ଥିଲେ ଯେ, ଲୁଚିବାକୁ ଆସି ସେ ସାରା ଓଡ଼ିଶାବାସୀଙ୍କ ନିକଟରେ ଧରା ପଡ଼ିଯିବେ। ଆଉ ଯାତ୍ରାଜଗତର ଜଣେ ଆଗଧାଡ଼ିର କଳାକାର ହେଇଯିବେ। ଏଠାରେ ଯାହାଙ୍କ କଥା କୁହାଯାଉଛି ସେ ହେଉଛନ୍ତି ଓଡ଼ିଆ ଯାତ୍ରା ଇଣ୍ଡଷ୍ଟ୍ରିର ସ୍ୱନାମଧନ୍ୟ ଅଭିନେତା ଅଜୟ କୁମାର ମିଶ୍ର ଓରଫ୍ ଅଜ୍ଜୁ। କଟକର କନ୍ଦରପୁର ସ୍ଥିତ କୋସିଦା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଅଜ୍ଜୁ ୨୦୦୦ ମସିହାରେ ଆସନ୍ତି ଯାତ୍ରାକୁ। ଯୋଗଦିଅନ୍ତି ସାତଶଙ୍ଖ ଅପେରାରେ। ପ୍ରଥମ ନାଟକ ‘ଆରେ ବାଇଆ ଆ’ରେ ତାଙ୍କୁ ମିଳେ ପାର୍ଶ୍ୱନାୟକର ଭୂମିକା। ପୂର୍ବରୁ ତ ସ୍କୁଲ, କଲେଜ ଓ ଗାଁ ଡ୍ରାମାରେ ଅଭିନୟ କରୁଥିଲେ। ତେଣୁ ନାଟକରେ ଅଭିନୟ କରିବା ଆଦୌ କଷ୍ଟଦାୟକ ହୋଇ ନ ଥିଲା। ତେବେ ଯାତ୍ରା ତାଙ୍କ ପାଇଁ ଥିଲା ଏକ ଟାଇମ୍‌ପାସ୍। ହେଲେ ଥରୁଟେ ଯାତ୍ରାକୁ ଆସି ମୁହଁରେ ରଙ୍ଗ ବୋଳି ସାରିବା ପରେ ଆଉ ଯାତ୍ରା ମୋହରୁ ମୁକୁଳି ପାରି ନ ଥିଲେ। ଯାତ୍ରା ତାଙ୍କୁ ଆଦର କରିଥିଲା। ଆଉ ଯାତ୍ରାକୁ ସେ ଆପଣାର କରି ନେଇଥିଲେ। ସାତଶଙ୍ଖରୁ ଆସିଲେ ଅଷ୍ଟଶମ୍ଭୁ। ଅଷ୍ଟଶମ୍ଭୁରୁ କିଛିଦିନ ପାଇଁ ଗଲେ ରୁକ୍ମିଣୀ ଗଣନାଟ୍ୟ। ତା’ପରେ ଆସି ‘ଶିବାନୀ ଗଣନାଟ୍ୟ’ରେ ଯୋଗଦେଲେ। ଏହା ହେଉଛି ୨୦୦୫ ମସିହା କଥା। ଅଜ୍ଜୁ କହନ୍ତି : ଶିବାନୀ ଗଣନାଟ୍ୟରେ ଲୋକମାନେ ତାଙ୍କୁ ଜାଣିଲେ। ସେ ଜଣେ କଳାକାରର ମାନ୍ୟତା ପାଇଲେ। ଶିବାନୀ ଗଣନାଟ୍ୟରେ ତାଙ୍କର ପ୍ରଥମ ନାଟକ ଥିଲା ‘ଝିଅଟେ – ମେଡ୍ ଇନ୍ ଓଡ଼ିଶା’। ଏହା ପରେପରେ ‘ବଜାରି ବୁଢ଼ା’, ‘ବୁଢ଼ା ଶଙ୍ଖାରି’ ଆଦି ନାଟକ କରି ସେ ରାତାରାତ ଦର୍ଶକ ମହଲରେ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିନେଇଥିଲେ। ଦୀର୍ଘ ୧୯/୨୦ବର୍ଷର ଯାତ୍ରା କ୍ୟାରିୟର ମଧ୍ୟରେ ଅଜ୍ଜୁ ବହୁ ସଫଳ ନାଟକରେ ଅଭିନୟ କରିଛନ୍ତି। ସେଥିମଧ୍ୟରୁ ‘ରଙ୍ଗବତୀ ରୁଷିଛି’, ‘ଟ୍ରାଫିକ୍ ଜାମ୍’, ‘ଚାଲିଲା ଗାଡ଼ି ବାଦାମ ବାଡ଼ି’, ‘ସମସ୍ତେ ଶୋଇଗଲା ପରେ’, ‘ଆଖି ନାହିଁ ମୋ ସାକ୍ଷୀ ନାହିଁ’, ‘ବାହା ହେବିନି ମୁଁ ଆଉ କାହାକୁ’, ‘ଝିଅଟେ – ମେଡ୍ ଇନ୍ ଓଡ଼ିଶା’, ‘ବଜାରି ବୁଢ଼ା’, ‘ବୁଢ଼ା ଶଙ୍ଖାରି’, ‘ରାମ ବନବାସ କାହାଣୀ ଶେଷ’, ‘ରଜନୀ ସଜନୀ ରାତି ପାହିଲା’ ଆଦି ଅନ୍ୟତମ। ସମ୍ପ୍ରତି ଯାତ୍ରା ଜଗତରେ ଅଜ୍ଜୁଙ୍କୁ ଅନ୍ୟତମ ଟ୍ରାଜେଡି ନାୟକ ବୋଲି ବିବେଚନା କରାଯାଏ। ଦର୍ଶକଙ୍କୁ ସାରା ରାତି ଇମୋଶନାଲ କରି ରଖିବାରେ ସେ ଜଣେ ସଫଳ ଅଭିନେତା। ଅଜ୍ଜୁ କହନ୍ତି : ‘ମୋତେ ନିର୍ଦ୍ଦେଶକ ଯେଉଁ ଚରିତ୍ର ପାଇଁ ବାଛନ୍ତି ମୁଁ ତାହାକୁ ଶହେ ପ୍ରତିଶତ ସଫଳ କରିବା ପାଇଁ ଚେଷ୍ଟାକରେ। ଅବଶ୍ୟ ଟ୍ରାଜେଡି କରିବା କଷ୍ଟଦାୟକ। କାରଣ ସେଥିରେ ସମାଜର ଶୋଷିତ ବର୍ଗର ଦୁଃଖକୁ ଦେଖେଇବାକୁ ହୋଇଥାଏ। ଈଶ୍ୱରଙ୍କ ଆଶୀର୍ବାଦରୁ ମୁଁ ସେଥିରେ ସଫଳ ହୋଇଛି। ଏବେ ଟ୍ରାଜେଡି ଚରିତ୍ର ମୋର ଅଭ୍ୟାସରେ ପଡ଼ିଗଲାଣି। ଆଉ ପ୍ରିୟ ଦର୍ଶକମାନେ ମଧ୍ୟ ମୋତେ ସେଭଳି ଚରିତ୍ରରେ ଦେଖିବାକୁ ଚାହୁଁଛନ୍ତି।’ ଅଜ୍ଜୁଙ୍କର ପ୍ରେରଣା ହେଉଛନ୍ତି ତାଙ୍କର ଅଭିନେତ୍ରୀ ସ୍ତ୍ରୀ ଜୟନ୍ତୀ ମିଶ୍ର ଓରଫ ଆପୁ। ଆପୁଙ୍କ ବିନା ସେ ତାଙ୍କ ସଫଳତା କଥା ଚିନ୍ତା ମଧ୍ୟ କରିପାରନ୍ତି ନାହିଁ।



ଅଜ୍ଜୁ-ଆପୁ

# ଅଜ୍ଜୁ-ଆପୁ ଲଭ୍‌ଷ୍ଟୋରି

ଯାତ୍ରା ଜଗତର ଅନ୍ୟତମ ସଫଳ ଯୋଡ଼ି ହେଉଛନ୍ତି ଅଜ୍ଜୁ-ଆପୁ। କେବଳ ଯାତ୍ରା ଜଗତରେ ଏମାନେ ସଫଳ ନୁହନ୍ତି ; ଅଧିକନ୍ତୁ ଏମାନଙ୍କର ପ୍ରେମ ତଥା ଦାମ୍ପତ୍ୟ ଜୀବନ ମଧ୍ୟ ବେଶ୍ ସଫଳ ଆଉ ମଧୁର। ଅଷ୍ଟଶମ୍ଭୁରେ ଉଭୟଙ୍କର ସାକ୍ଷାତ୍ ହୁଏ। ସେମାନେ ଏକତ୍ର ଅଭିନୟ କରନ୍ତି। ଆଉ ଏଇ ଅଭିନୟ ଭିତରେ ଆରମ୍ଭ ହୁଏ ପ୍ରେମ। ଅଷ୍ଟଶମ୍ଭୁ ଛାଡ଼ି ଆପୁ ଚାଲିଆସନ୍ତି ଶିବାନୀ। ସେତେବେଳକୁ ସେମାନଙ୍କର ବିବାହ ହୋଇ ନ ଥାଏ। ପ୍ରେମ ପାଲଟେ ବିରହ। ଏହି କଥାକୁ ଆପୁ ହସିହସି ବେଶ୍ ସ୍ୱାଭାବିକ ଢଙ୍ଗରେ କହନ୍ତି : ଆମେ ଦୁହେଁ ଦୁଇଟା ଭିନ୍ନ ପାର୍ଟିରେ ଥିବାରୁ କାହାରି ମନ ଲାଗୁ ନ ଥାଏ। ଭାରି କଷ୍ଟ ହେଉଥାଏ ଅଭିନୟ କରିବା। ସେ ମଧ୍ୟ ଚେଷ୍ଟାରେ ଥାନ୍ତି କିଭଳି ‘ଶିବାନୀ’କୁ ଆସିପାରିବେ। ସେହିବର୍ଷ ଅଭିନେତା ଜିତୁ ଶିବାନୀ ଛାଡ଼ିଲେ। ଶିବାନୀର ମାଲିକ ମଧ୍ୟ ଅଜ୍ଜୁଙ୍କ ଅଭିନୟ ଆଗରୁ ଦେଖିଥିଲେ। ତେଣୁ ସେଇ ମଉକାରେ ଅଜ୍ଜୁ ଆସି ଯୋଗଦେଲେ ଶିବାନୀରେ। ବାହାଘର ପାଇଁ ଆମ ଉଭୟଙ୍କର ବାପାମାନେ ଟିକେ ଅରାଜି ଥିଲେ। ହେଲେ ମା’, ଭାଇ, ଭଉଣୀ ଏମାନେ ସମସ୍ତେ ଚାହୁଁଥିଲେ ଆମେ ବାହା ହେଉ। ଯା’ହେଉ ଶେଷରେ ବାପାମାନେ ରାଜି ହେଲେ ଓ ଆମର ବାହାଘର ହେଲା। ଅଜ୍ଜୁ କହନ୍ତି : ମୁଁ ଯଦି ଆଜି ଆଗରେ ଅଛି ତା’ହେଲେ ଆପୁଙ୍କ ପାଇଁ। ନ ହେଲେ ମୋତେ କେହି ଚିହ୍ନି ପାରି ନ ଥାନ୍ତେ। ମୁଁ କୋଉ ଗୋଟେ ମାଳି ପାର୍ଟିରେ ରହି ମାମୁଲି ଅଭିନେତାଟେ ହୋଇ ରହିଥାନ୍ତି। ସେହିଭଳି ଆପୁଙ୍କ ପାଇଁ ସବୁକିଛି ଅଜ୍ଜୁ। ଆପୁ କହନ୍ତି : ମୁଁ ସବୁବେଳେ ଚାହେଁ ସେ ଆଗକୁ ଯାଆନ୍ତୁ। ତାଙ୍କୁ ବେଶି ତାଳି ମିଳୁ। ତାଙ୍କର ବହୁତ ସୁନାମ ହେଉ।

# ଅଭିନେତ୍ରୀ ସଜେଇଲା ପେଁକାଳି

ଦିବଂଗତ ନାଟ୍ୟକାର ଅନନ୍ତ ଓଝାଙ୍କ ‘ମୋ ପେଁକାଳି ବଜେଇ ଦେ’ ନାଟକ କେବଳ ଅନେକ କଳାକାରଙ୍କୁ ଷ୍ଟାର୍ କରିଦେଇନାହିଁ ; ଅଧିକନ୍ତୁ ଅନେକ କଳାକାର ତିଆରି କରିଛି। ‘ମୋ ପେଁକାଳି...କୁ ଶୁଣିଶୁଣି ଓ ଦେଖିଦେଖି ଅନେକେ ସେଥିରୁ ପ୍ରେରଣା ପାଇଛନ୍ତି ଏବଂ ଯାତ୍ରା ଜଗତକୁ ଆସି ନିଜର ଅଭିନୟ କ୍ୟାରିୟର ତିଆରି କରିଛନ୍ତି। ସେହିଭଳି ଜଣେ ଅଭିନେତ୍ରୀ ହେଉଛନ୍ତି ‘ଶିବାନୀ ଗଣନାଟ୍ୟ’ର ନାୟିକା ଆପୁ ଓରଫ ଜୟନ୍ତୀ ମିଶ୍ର। ଆପୁଙ୍କ ମାମୁ ଅଜୟ ଷଡ଼ଙ୍ଗୀ ଓଡ଼ିଶାର ଜଣେ ଖ୍ୟାତନାମା କଳାକାର। ତାଙ୍କରି ଘରେ ରହନ୍ତି ଆପୁ। ପିଲାଟି ବେଳୁ ସେ ଲାଜକୁଳି ସ୍ୱଭାବର। ନା ଡ୍ରାମା ନା ନାଚ। ତେଣୁ ସେ ନିଜେ ମଧ୍ୟ ଜାଣି ନ ଥିଲେ ଯେ, ଯାତ୍ରା ଜଗତକୁ ଆସିବେ। ମାତ୍ର ‘ମୋ ପେଁକାଳି ବଜେଇ ଦେ’ ନାଟକଟି ତାଙ୍କୁ ଅଭିନେତ୍ରୀ ସଜେଇଦେଲା। ଯାତ୍ରା–ନାଟକ ପ୍ରତି ତାଙ୍କ ଭିତରେ ଦୁର୍ବଳତା ସୃଷ୍ଟି କରିଦେଲା। ସେ ଭାବିଲେ ସେ ବି ଯାତ୍ରାକୁ ଆସିବେ। ଅଭିନୟ କରିବେ। ମାମୁଙ୍କୁ ମନକଥା କହିଲେ ତ ମାମୁ ହସି ଉଡ଼େଇଦେଲେ। କହିଲେ, ‘ତୋ ଭଳି ଲାଜେଇ ଝିଅ ପୁଣି ଯିବ ଯାତ୍ରାକୁ!’ ହେଲେ ଜିଦ୍ ଧରିଲେ ଆପୁ। କହିଲେ: ‘ତୁ ଯଦି ମୋତେ ଯାତ୍ରାକୁ ନବୁ ନେ। ନ ହେଲେ ମୁଁ ଆଉ କାହା ସହ ଯାତ୍ରାକୁ ପଳେଇବି।’ ଏଥର ମାମୁ ନାଚାର। ଆପୁ ଆସି ଯୋଗଦେଲେ ଅଷ୍ଟଶମ୍ଭୁ ଗଣନାଟ୍ୟରେ। ବର୍ଷଟିଏ ବିତିଲା। ମାମୁ କହିଲେ, ‘ତୋ ଦ୍ୱାରା ଏ ଯାତ୍ରାଫାତ୍ରା ହବନି। ତୋର ଏଯାଏ ଲାଜ ଛାଡ଼ିନି। ତୁ ଘରେ ରହ।’ କାନ୍ଦ ବୋବାଳି ଆରମ୍ଭ କରିଦେଲେ ଆପୁ। ମାମୁ ବାଧ୍ୟହୋଇ ପୁଣି ତାଙ୍କୁ ଆଣି ଛାଡ଼ିଲେ ଅଷ୍ଟଶମ୍ଭୁରେ। ଏହାର ଦୁଇବର୍ଷ ପରେ ସେ ଆସିଲେ ଶିବାନୀ ଗଣନାଟ୍ୟ। ସେତେବେଳକୁ ଅଭିନୟରେ ବେଶ୍ ପରିପକ୍ୱ ହୋଇ ସାରିଥିଲେ ଆପୁ। ଶିବାନୀରେ ତାଙ୍କର ପ୍ରଥମ ନାଟକ ଥିଲା ଅନନ୍ତ ଓଝାଙ୍କ ରଚିତ ନାଟକ ‘ଚରିତ୍ରହୀନା’। ଅଷ୍ଟଶମ୍ଭୁରେ କ୍ୟାରିୟର ଆରମ୍ଭ କରିଥିବା ଆପୁଙ୍କୁ ପରିଚୟ ଦେଲା ଶିବାନୀ ଗଣନାଟ୍ୟ। ‘ବାଃ ବାଃରେ କାପିଟାଲ’, ‘କାଉଁରି କନ୍ୟା’, ‘ବାଙ୍ଗୁଅ ବୋହୂ’, ‘ରାତି ନ’ରୁ ସ୍ତ୍ରୀ ଫେରାର’, ‘ମୁଇଁ ସମଲପୁରୀ ନନୀ’, ‘ରାମ ବନବାସ କାହାଣୀ ଶେଷ’, ‘ରଙ୍ଗିଲା ରାଧିକା ରଜନୀଗନ୍ଧା’, ‘ରାଜଧାନୀ ଝିଅ ରାଜନନ୍ଦିନୀ’, ‘ରଜନୀ ସଜନୀ ରାତି ପାହିଲା’, ‘ବରଣୀ କନିଆ ବରଷା ରାଣୀ’ ଆଦି ନାଟକରେ ଅଭିନୟ କରି ଆପୁ ଯାତ୍ରା ଜଗତରେ ଜଣେ ନାମକରା ଅଭିନେତ୍ରୀ ଭାବରେ ପରିଚିତ ହୋଇଗଲେ। ଅଭିନେତା ସ୍ୱାମୀ ଅଜୟ ମିଶ୍ରଙ୍କ ସହ ଅଭିନୟ ଜାରି ରଖିଥିବା ଆପୁ କହନ୍ତି : ଦୁହେଁ ଅଭିନେତା ଅଭିନେତ୍ରୀ ହୋଇଥିବା ହେତୁ ଚେଷ୍ଟାକରି ବି ପରିବାର ପାଇଁ କିମ୍ବା ଦୁଇପୁଅ ଅଙ୍କିତ୍ ଓ ଅମିତ୍‌ଙ୍କୁ ସେତିକି ସମୟ ଆମେ ଦେଇପାରୁ ନାହୁଁ। ତଥାପି କଳାକୁ ନିଜର କରି ବାଟ ଚାଲିଛୁ। ଭଗବାନ କୃପା ରଖିଥିବା ଯାଏ ଆଗକୁ ଚାଲୁଥିବୁ।



# ଏକ ନିୟୁତ ଭୋଲ୍‌ଟରେ ଷ୍ଟଣ୍ଟ

ଦୁଃସାହସିକତାକୁ ନେଇ ବହୁ ଦୃଷ୍ଟାନ୍ତ ରହିଛି। ମାତ୍ର ୱାଙ୍ଗ ହଙ୍ଗବିନ୍‌ଙ୍କ ଉଦାହରଣ ନିଆରା। କେବଳ ନିଆରା ନୁହେଁ, ଲୋମଟାଙ୍କୁରା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସାଧାରଣ ମଣିଷ ୪୪୦ ଭୋଲ୍‌ଟର ବୈଦ୍ୟୁତିକ ତରଙ୍ଗକୁ ସହିବା ପାଇଁ ସମର୍ଥ ନୁହେଁ। ମାତ୍ର ୱାଙ୍ଗ ଏକ ନିୟୁତ ଭୋଲ୍‌ଟରେ ଗିଟାର ବଜେଇ ପାରନ୍ତି। ଗିଟାର ବଜେଇବା ତାଙ୍କର ଏକ ସଉକ। ହେଲେ ଷ୍ଟଣ୍ଟ କରିବା ତାଙ୍କର ଏକ ସ୍ୱପ୍ନ। ୩୦ବର୍ଷ ବୟସ୍କ ୱାଙ୍ଗ ଯେଉଁଦିନ ପ୍ରଥମେ ଏହି ଷ୍ଟଣ୍ଟ ଦେଲେ ସେଦିନ ଟେସଲା କଏଲ୍ ଟ୍ରାନ୍ସଫର୍ମରରୁ ସ୍ୱତନ୍ତ୍ର ଭାବରେ ତାଙ୍କ ପାଇଁ ଏକ ନିୟୁତ ଭୋଲ୍‌ଟର ବୈଦ୍ୟୁତିକ ତରଙ୍ଗ ସୃଷ୍ଟି କରାଯାଇଥିଲା। ଆଉ ସେହି ତରଙ୍ଗରେ ଏକ ବଳୟ ପ୍ରସ୍ତୁତ କରାଯାଇଥିଲା। ସେହି ବଳୟ ମଧ୍ୟରେ ରହି ବୈଦ୍ୟୁତିକ ତରଙ୍ଗକୁ ଦେହ ଭିତରକୁ ନେଇ ଗିଟାର ବାଦନ କରିଥିଲେ ୱାଙ୍ଗ।

ବ୍ୟାକ୍ ପେଜ୍




# ପେଟ୍‌ଙ୍କ ପାଇଁ ଟାୟାର ବେଡ୍

ଆମାରିଲ୍ଡୋ ସିଲ୍‌ଭା ବ୍ରାଜିଲ୍‌ର ଜଣେ କଳାକାର। ରାସ୍ତାକଡ଼ରେ ପରିତ୍ୟକ୍ତ ଭାବେ ପଡିଥିବା ଟାୟାର୍‌ରେ କୁକୁର, ବିଲେଇ ଆଶ୍ରୟ ନେଉଥିବା ସେ ଦେଖୁଥିଲେ, ଯାହା ତାଙ୍କୁ ପ୍ରେରଣା ଦେଲା ପ୍ରାଣୀଙ୍କ ପାଇଁ ପରିତ୍ୟକ୍ତ ଟାୟାର୍‌ରେ କିଛି କରିବାକୁ। ଯଦ୍ଦ୍ୱାରା ପ୍ରାଣୀଙ୍କୁ ଆରାମ ମିଳିବା ସହ କମ୍ ଖର୍ଚ୍ଚରେ ଭଲ ରୋଜଗାର ବି କରିପାରିବେ। ତେଣୁ ସେ ଅଦରକାରୀ ଟାୟାର ଆଣି ତାକୁ କାଟି, ଭଲଭାବେ ଧୋଇ, ପେଣ୍ଟ୍ କରି ସଜାଇ କୁକୁର, ବିଲେଇଙ୍କ ପାଇଁ ତିଆରି କଲେ ଆକର୍ଷକ ଆଉ ଆରାମଦାୟକ ବିଛଣା। ପେଟ୍ ମାଲିକମାନେ ବି ଏହାକୁ ବେଶ୍ ପସନ୍ଦ କରୁଛନ୍ତି। ତେଣୁ ତାଙ୍କର କିଛି ଅତିରିକ୍ତ ଆୟ ହୋଇପାରୁଛି। ୨ ବର୍ଷ ତଳେ ଆମାରିଲ୍ଡୋ ଏହି କାମ ଆରମ୍ଭ କରିଥିଲେ। ଘରେ ଏକ ସ୍ୱତନ୍ତ୍ର କୋଠରିରେ ସେ ପରିତ୍ୟକ୍ତ ଟାୟାର ଆଣି ଜମାକରି ଏହି ସୁନ୍ଦର ବେଡ୍ ତିଆରି କରୁଛନ୍ତି। ଏହି କାମ ତାଙ୍କୁ ଆନନ୍ଦ ଦେଉଛି। ତେଣୁ ଏହାକୁ ସେ ଜାରି ରଖିବେ ବୋଲି କହନ୍ତି।

# କେଶ ନ ଧୋଇ କେଶବତୀ







ନାରୀ ନିଜ କେଶକୁ ଘନ, ଲମ୍ବା ଓ ଆକର୍ଷକ କରିବା ଲାଗି କେତେ ପ୍ରକାରର ପନ୍ଥା ଆପଣେଇ ଥାଆନ୍ତି। କିଏ ପାର୍ଲର ଯାଇ କେଶରେ ନାନା ଟ୍ରିଟ୍‌ମେଣ୍ଟ କରାନ୍ତି ତ କିଏ ଘରେ ମହଙ୍ଗା ଶାମ୍ପୁ, କଣ୍ଡିଶନର ବ୍ୟବହାର କରନ୍ତି। ଆଉ କିଏ ଆୟୁର୍ବେଦିକ୍ ଉପାୟ ମଧ୍ୟ ଆପଣାନ୍ତି। ତଥାପି ଦେଖାଯାଏ କେଶରେ ସମସ୍ୟା। ଆଉ ପରୀ କଥାର ରାଜକୁମାରୀ ଭଳି ଲମ୍ବା, ଘନ, କଳା କେଶ ମିଳିପାରି ନ ଥାଏ। ତେବେ ୟୁକେ, ବ୍ରିଘଟୋନ୍‌ର ୩୨ ବର୍ଷୀୟା ଫ୍ରାଙ୍କି କ୍ଲିନ୍‌ଙ୍କ କଥା ଅଲଗା। ତାଙ୍କର ଅଛି ମାଟିରେ ଘୋଷାଡ଼ି ହେଉଥିବା ୬ ଫୁଟ୍ ଲମ୍ବର ଘନ ଲମ୍ବା କେଶ। ହେଲେ ଏହି ସୁନ୍ଦର କେଶ ପାଇଁ ତାଙ୍କୁ କରିବାକୁ ପଡ଼େନା ବିଶେଷ ପରିଶ୍ରମ। ଏମିତି କି ସେ ଦୀର୍ଘ ୨୦ ବର୍ଷ ହେବ କେଶ ଧୋଇ ସଫା ବି କରିନାହାନ୍ତି। ଅବିଶ୍ୱସନୀୟ ଲାଗିଲେ ବି ଏହା ସତ। ସେ କେବଳ ଗୋଟିଏ କାମ ହିଁ କରନ୍ତି। ବାରମ୍ବାର କେଶ କୁଣ୍ଡାଇ ଥାଆନ୍ତି। ମାତ୍ର ୬ ବର୍ଷ ବୟସରୁ ତାଙ୍କ କେଶ ବଢ଼ି ଲମ୍ବା ହେବା ଆରମ୍ଭ ହୋଇଥିଲା। ୧୩ ବର୍ଷ ବେଳକୁ ତାଙ୍କ କେଶ ଅଣ୍ଟା ପର୍ଯ୍ୟନ୍ତ ଲମ୍ବିଯାଇଥିଲା। ଏହି ଲମ୍ବା କେଶକୁ ଶାମ୍ପୁରେ ଧୋଇବା, କଣ୍ଡିଶନର ଲଗାଇ ଶୁଖାଇବାକୁ ତାଙ୍କୁ ବହୁତ ବିରକ୍ତ ଲାଗୁଥିଲା। ଦିନେ ତାଙ୍କ ସାଙ୍ଗମାନେ କହିଲେ– ଏତେ ବିରକ୍ତ ହେଉଛୁ ଯଦି ମୁଣ୍ଡ ସଫାକରିବା ଛାଡ଼ିଦେ। ଏହି କଥା ତାଙ୍କ ମନକୁ ପାଇଥିଲା। ଆଉ ସେ ସତରେ ମୁଣ୍ଡ ସଫାକରିବା ଛାଡିଦେଲେ। ପ୍ରଥମ କିଛି ମାସ କେଶ ଅଠାଳିଆ ଲାଗିବା ସହ ଖପୁରି କୁଣ୍ଡାଇ ହେଲା। କିନ୍ତୁ ଧୀରେ ଧୀରେ ଏହି ସମସ୍ୟାସବୁ ଦୂରେଇବାକୁ ଲାଗିଲା। ଏବେ ତାଙ୍କ କେଶରେ କୌଣସି ସମସ୍ୟା ନାହିଁ କି କେଶ ପାଇଁ ସେ କୌଣସି ମହଙ୍ଗା ପ୍ରଡକ୍ଟ ବି ବ୍ୟବହାର କରନ୍ତି ନାହିଁ। କେବଳ କେଶକୁ କୁଣ୍ଡାଇ ଥାଆନ୍ତି। ତଥାପି କେଶ ଛନ୍ଦିହୋଇ ଜଟ ହୋଇଯାଏ। ଆଉ ସେ ଅଧଘଣ୍ଟାରୁ ଏକ ଘଣ୍ଟା ସମୟ ନିଅନ୍ତି ତାକୁ ଠିକ୍ କରିବା ପାଇଁ। ସେ ଯାହା ବି ହେଉ ତାଙ୍କ କେଶ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।